ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.48 Bhubaneswar Tuesday, March 29, 2022 | ୨୫ତମ ବର୍ଷ ସଂଖ୍ୟା-୪୮ ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୯, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS


## ଏବେ ଖୁଲମ୍‌ଖୁଲା: ଅମଲାଙ୍କ ବିଜେଡିକୁ ମୋହର ମାରିଲେ ନବୀନ !

ଭୁବନେଶ୍ୱର, ୨୮ ।୩(ପି.ଏନ): କୋଟିଏ ସଦସ୍ୟଙ୍କ ଦଳ ବିଜେଡି ଆଉ ରାଜନୀତିକ ବ୍ୟକ୍ତିମାନଙ୍କର ଦଳ ନୁହେଁ ବରଂ ଅମଲା ନିୟନ୍ତ୍ରିତ ଏକ ରାଜନୀତିକ ଦଳ । ପଂଚାୟତ ଓ ପୌର ନିର୍ବାଚନରେ ବିଜେଡିକୁ ଏକପାଖିଆ ସଫଳତା ମିଳିବା ଓ ରାଜ୍ୟର ସରକାରୀ କର୍ମଚାରୀମାନେ ନିଜର ଚାକିରି ସର୍ତ୍ତାବଳୀକୁ ଫୁ' କରି ଲକ୍ଷ୍ମଣରେଖାକୁ ଡେଇଁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଯେଉଁ ଢଙ୍ଗରେ ଭେଟିଲେ ତାହା ବିଜେଡିର ଅମଲାକରଣ ଉପରେ ମୋହର ଲଗାଇଛି । ନବୀନଙ୍କୁ ଭେଟି ପଂଚାୟତ ଓ ପୌର ନିର୍ବାଚନ ସଫଳତା ପାଇଁ ଅଭିନନ୍ଦନ ଜଣାଇବାକୁ ଯେଉଁ ପ୍ରାୟୋଜିତ କାର୍ଯ୍ୟକ୍ରମ ହେଲା ତାହା ଓଡିଶାର ପ୍ରଶାସନିକ କଳରେ ଏକ କଳଙ୍କମୟ ଅଧ୍ୟାୟ ସୃଷ୍ଟି କରିଛି । ସରକାରୀ କର୍ମଚାରୀମାନେ ଲକ୍ଷ୍ମଣରେଖାକୁ ଅତିକ୍ରମ କରି କୌଣସି ରାଜନୀତିକ ଦଳର ମୁଖିଆଙ୍କୁ ନିର୍ବାଚନୀ ସଫଳତାର ଅଭିନନ୍ଦନ ଜଣାଇବାକୁ ଧାଡିରେ ଯିବା ନିଶ୍ଚିତ ଭାବେ ଓଡିଶାର ଭବିଷ୍ୟତ ପି? ପାଇଁ ଉଦବେଗର ବିଷୟ ପାଲଟିଛି । ଯଦିଓ ଦୁଇ ବିରୋଧୀ ଦଳ ବିଜେପି ଓ କଂଗ୍ରେସ ଏହି ପ୍ରସଙ୍ଗ ଉଠାଇ ଚିନ୍ତା ବ୍ୟକ୍ତ କରିଛନ୍ତି, କିନ୍ତୁ ତାହା କେବଳ ଧର୍ମକୁ ଆଖିଠାର ସଦୃଶ ବୋଲି ସାଧାରଣରେ ଚର୍ଚ୍ଚା ।ସୂଚନା ଅନୁସାରେ, ଦୀର୍ଘ ଦୁଇବର୍ଷ ଧରି ସାଧାରଣ ଲୋକଙ୍କଠୁ ଦୂରେଇ ରହିଥିବା ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବା ପାଇଁ ପ୍ରାୟୋଜିତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ପଂଚାୟତ ଓ ପୌର ନିର୍ବାଚନର ସଫଳତା ପାଇଁ ବିଜେଡିର କର୍ମୀ ଓ ନେତାମାନେ ନିଜର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟିବା ସ୍ୱାଭାବିକ କଥା । କିନ୍ତୁ ପ୍ରଥମଥର ପାଇଁ କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରରେ ସରକାରୀ କଳ(ଅମଲା ଓ କର୍ମଚାରୀ) ରାଜନୀତିକ ସଫଳତା ପାଇଁ ଅଭିନନ୍ଦନ ଜଣାଇବାକୁ ଯିବାର ବିରଳ ଦୃଶ୍ୟ ଗତକାଲି ଦେଖିବାକୁ ମିଳିଥିଲା । ଆଇଏଏସ, ଆଇପିଏସ୍?, ଓଏଏସ୍ ସଂଘ ସମେତ ଓଡିଶା ସଚିବାଳୟ ସଂଘ, ଓଡିଶା ରାଜସ୍ୱ ସେବା ସଂଘ, ଓଡିଶା ପୁଲିସ ସେବା ସଂଘ, କନେଷ୍ଟବଳ ଓ ହାବିଲଦାର ସଂଘ, ବିଭାଗୀୟ ମୁଖ୍ୟ ସଂଘ, ମେଡିକାଲ ସେବା ସଂଘ, ଅମଲା ସଂଘ, ଭେଟେନାରୀ ସେବା ସଂଘ, ପଂଚାୟତ ନିର୍ବାହୀ ଅଧିକାରୀ ସଂଘ , ଗ୍ରାମ ରୋଜଗାର ସେବକ ସଂଘ, ଡ୍ରାଇଭର ସଂଘ ଆଦି ନବୀନଙ୍କୁ ଭେଟି ଅଭିନନ୍ଦନ ଜଣାଇଥିଲେ । ଅବଶ୍ୟ ଏସବୁ କାର୍ଯ୍ୟକ୍ରମ ପ୍ରୟୋଜିତ ଥିଲା, କିନ୍ତୁ ଯେଉଁ ଢଙ୍ଗରେ ସରକାରୀ କର୍ମଚାରୀମାନେ ଛୁଟିଦିନରେ ରାଜନୀତିକ ସଫଳତା ପାଇଁ ଅଭିନନ୍ଦନ ଜଣାଇବାକୁ ଆସିଲେ ତାହା ବୁଦ୍ଧିଜୀବୀ ମହଲରେ ଚିନ୍ତାର ବିଷୟ ପାଲଟିଛି ।



## କ୍ୟାବିନେଟ୍ ନିଷ୍ପତି ସମ୍ପର୍କରେ ସୂଚନା ଦେଲେ ସଂସଦୀୟ ବ୍ୟାପାରର ମନ୍ତ୍ରୀ

ଭୁବନେଶ୍ୱର, ୨୮ ।୩(ପି.ଏନ): ଗତକାଲି ଅନୁଷ୍ଠିତ କ୍ୟାବିନେଟ୍ ବୈଠକର ନିଷ୍ପତି ସମ୍ପର୍କରେ ରାଜ୍ୟ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଧାନସଭାରେ ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ୨୦୨୫ ସୁଦ୍ଧା ଓଡିଶାକୁ ଏକ ଡାଟା ସେଂଟର ହବ୍ ରେ ପରିଣତ କରିବା ଲକ୍ଷ୍ୟରେ ଓଡିଶା ଡାଟା ସେଂଟର ପଲିସି -୨୦୨୨କୁ ରାଜ୍ୟ କ୍ୟାବିନେଟ୍ ମଂଜୁରୀ ଦେଇଛି । ସେହିପରି ଗ୍ରୀଡକୋର ସରକାରୀ ଋଣ ତଥା ଏହାର ସୁଧ ବାବଦକୁ ୨୦୨୧ ଶେଷ ସୁଦ୍ଧା ମୋଟ ଦେୟ ୨୦୩୯.୬୯ କୋଟି ଟଙ୍କାକୁ ସରକାରୀ ମୂଳଧନରେ ପରିବର୍ତନ କରିବା ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛି । ରାଜ୍ୟରେ ନିର୍ମାଣଧୀନ ୧୦ଟି ଶକ୍ତି ସଂରକ୍ଷଣ ପ୍ରକଳ୍ପର ୩୦ ଶତକଡା ସରକାରୀ ଅଂଶଧନ ବାବଦକୁ ୧୪୦ କୋଟି ଟଙ୍କା ପ୍ରଦାନ କରିବାକୁ ରାଜ୍ୟ କ୍ୟାବିନେଟ୍ ମଂଜୁରୀ ଦେଇଛନ୍ତି । ଓଡିଶା ସୂଚନା (ନିଯୁକ୍ତି ଓ ସେବା ସର୍ତାବଳୀ) ନିୟମାବଳୀ ୧୯୯୫ ଏବଂ ଓଡିଶା ସୂଚନା ସେବା (କନିଷ୍ଠ ବର୍ଗ) (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତାବଳୀ)ନିୟମାବଳୀ ୨୦୦୯ ପରିବର୍ତେ ଏକକ ଓଡିଶା ସୂଚନା ସେବା (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତାବଳୀ) ନିୟମାବଳୀ ୨୦୨୨ ପ୍ରଣୟନ କରିବା ପ୍ରସ୍ତାବକୁ କ୍ରାବିନେଟ୍ ଅନୁମୋଦନ କରିଛନ୍ତି । ଏମଏସଏମଇ ଇ ସେକ୍ଟରରେ ମେଡିକାଲ ଅମ୍ଳଜାନର ରିଫିଲିଂ ଏବଂ ପୁନଃ ପ୍ୟାକେଜିଂକୁ ପ୍ରୋତ୍ସାହିତ କରିବା ନିମନ୍ତେ ଓଡିଶା ଏମଏସଏମଇ ବିକାଶ ନୀତି ୨୦୧୬ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରଛନ୍ତି । ଓଡିଶା ଯାନ୍ତ୍ରିକ ସେବା ଆଇନ୍ ୨୦୨୧ ରେ ସଂଶୋଧନ କରାଯାଇ ଅଧୀକ୍ଷଣ ଯନ୍ତ୍ରୀ ଲେଭଲ -୧ ଓ ଲେଭଲ୍ ୨ କୁ ଏକତ୍ର କରାଯାଇ ନୂତନ ପଦବୀ ଅତିରିକ୍ତ ମୁଖ୍ୟମନ୍ତ୍ରୀ ଯନ୍ତ୍ରୀ ସୃଷ୍ଟି କରାଯାଇଛି । ଏହାସହ ଯାନ୍ତ୍ରିକ ପଦବୀ ସଂଖ୍ୟା ୧୪୭ରୁ ୧୯୦କୁ ବୃଦ୍ଧି କରାଯିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ସେହିପରି କୃଷକମାନଙ୍କର ଆୟ ବୃଦ୍ଧି ପାଇଁ ରାଜ୍ୟ କ୍ୟାବିନେଟ୍ ୨୫୫ କୋଟି ଟଙ୍କାର ବ୍ୟୟ ପ୍ରସ୍ତାବକୁ ମଂଜୁର କରିଛନ୍ତି । କାଳିଆ ଯୋଜନାର ସଠିକ କାର୍ଯ୍ୟକାରିତା ଓ କୃଷକମାନଙ୍କ ଆୟ ବୃଦ୍ଧି ଲକ୍ଷ୍ୟରେ ୩ ବର୍ଷ ପାଇଁ ୫୯୩୩.୩୧ କୋଟି ଟଙ୍କା ବ୍ୟୟ ଅଟକଳକୁ ଅନୁମୋଦନ ମିଳିଛି । ଓଡିଶା କୃଷି ପରିସଂଖ୍ୟାନ ସେବା (ନିଯୁକ୍ତି ପ୍ରଣାଳୀ ଏବଂ ଚାକିରୀ ସର୍ତାବଳୀ) ନିୟମାବଳୀ ୨୦୨୨କୁ କ୍ୟାବିନେଟକ ମଂଜୁରୀ ମିଳିଛି । ଓଡିଶା ସମବାୟ ସମୀକ୍ଷକ ବର୍ଗର ପୁନର୍ଗଠନ କରାଯାଇ ମୋଟ ପଦବୀ ସଂଖ୍ୟା ୧୯ରୁ ୩୯କୁ ବୃଦ୍ଧି କରାଯାଇଛି । ପଂଚଦଶ ଅର୍ଥ କମିଶନଙ୍କୁ ସୁପାରିଶ ଆଧାରରେ ଓଡିଶା ଆର୍ଥିକ ଦାୟିତ୍ୱ ଏବଂ ବଜେଟ୍ ପରିଚାଳନା ଅଧିନିୟମ ୨୦୦୫ରେ ପ୍ରସ୍ତାବିତ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛନ୍ତି । ଓଏମଏମସି ରୁଲ୍ସ ୨୦୧୬ରେ ସଂଶୋଧନକୁ କ୍ୟାବିନେଟ୍ ମଂଜୁରି ମିଳିଛି । ବିଜୁ ଶିଶୁ ସୁରକ୍ଷା ଯୋଜନା ଅଧୀନରେ ଆଶୀର୍ବାଦ ଯୋଜନାର ପ୍ରଚଳନକୁ ଅନୁମୋଦନ କରାଯାଇଛି । ମା ସମଲେଶ୍ୱରୀ ମନ୍ଦିର କ୍ଷେତ୍ରର ବିକାଶ ପାଇଁ ୟୁଆରସି କନଷ୍ଟ୍ରକସନ୍ ର ୧୧୪କୋଟି ୨୦ ଲକ୍ଷ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି । ୧୮ ମାସ ମଧ୍ୟରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ସେହିପରି ଅବଢା ଯୋଜନାରେ ପୁରୀର ବିକାଶ ପାଇଁ ବିସି ଭୂୟାଁ କନଷ୍ଟ୍ରକସନ୍ ର ୧୦୨ କୋଟି ୪୦ ଲକ୍ଷ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି । ଭବାନୀପାଟଣାରେ ୬୫୦ ଶଯ୍ୟା ବିଶିଷ୍ଟ ଏକ ସରକାରୀ ଭେଷଜ ଚିକିତ୍ସାଳୟ ସ୍ଥାପନ ପାଇଁ ଆଇରନ୍ ଟ୍ରାଏଙ୍ଗଲ ଲିମିଟେଡ୍ ର ୧୬୧.୧୫ କୋଟି ଟଙ୍କାର ନିବିଦାକୁ କ୍ୟାବିନେଟ୍ ମଂଜୁର କରିଛନ୍ତି । ଏହି କାର୍ଯ୍ୟ ୩୦ ମାସରେ ଶେଷ ହେବ । ଅନ୍ୟପକ୍ଷରେ ମୟୁରଭଂଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ବଇଶିଙ୍ଗା ଶାଖାକେନାଲର ୩୦କିମି ରୁ୪୫ କିମି ପର୍ଯ୍ୟନ୍ତ ନିର୍ମାଣ ପାଇଁ ୯୨ କୋଟି ୭୪ ଲକ୍ଷ ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛନ୍ତି ।

## ଗୋଟିଏ ଦିନରେ ୪୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୮ ।୩(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୪୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୫୧୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୭୯୨୧ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୧୯ ରହିଛି ।ଆଜି ଚିହ୍ନଟ ହୋଇଥିବା ୪୩ ଜଣଙ୍କ ମଧ୍ୟରୁ ୨୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରୁ ସବୁଠାରୁ ଅଧିକ ୧୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାର ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଜପତି ଜିଲ୍ଲାରୁ ୫, ଗଂଜାମ ଜିଲ୍ଲାରୁ ୧ ଜଣ ସଂକ୍ରମିତ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା . କଳାହାଣ୍ଡି ଓ କନ୍ଧମାଳ ଜିଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ା ଓ କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ଖୋର୍ଦ୍ଧାରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଓ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ପୁରୀ ଓ ରାୟଗଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ମାଡ ଘଟଣାରେ ୯ ଗିରଫ

ଭୁବନେଶ୍ୱର, ୨୮ ।୩(ପି.ଏନ): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ମାଡ ମାରିବା ଘଟଣାରେ ପୋଲିସ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ବ୍ଲକ ସଭାପତି ନିର୍ବାଚନ ପୂର୍ବରୁ ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ବାଣପୁର ବ୍ଲକ ପରିସରରେ ନିସ୍ତୁକ ମାଡ଼ ମାରିଥିଲେ । ଖୋର୍ଦ୍ଧା ଏସ୍‌ପିଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓଙ୍କ ନେତୃତ୍ୱରେ ପୋଲିସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସେମାନଙ୍କୁ ଗିରଫ କରିଛି ।

## ଭାରତ ବନ୍ଦ ପାଇଁ ବିଭିନ୍ନ ବିଶ୍ୱବିଦ୍ୟାଳୟର ପରୀକ୍ଷା ଘୁଂଚିଲା

ଭୁବନେଶ୍ୱର, ୨୮ ।୩(ପି.ଏନ): ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଦ୍ୱାରା ଭାରତ ବନ୍ଦ ଡାକରା ଦିଆ ଯାଇଥିବାରୁ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟର ପରୀକ୍ଷା ଗୁଡିକୁ ଘୁଂଚାଇ ଦିଆଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୮ ଓ ୨୯ ତାରିଖ ଦିନ ହେବାକୁ ଥିବା ପରୀକ୍ଷା ଗୁଡିକୁ ଘୁଂଚାଇ ଦେଇଥିବା ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହା ଯାଇଛି । ସେହିପରି ରମାଦେବୀ ବିଶ୍ୱବିଦ୍ୟାଳୟରେ ମଧ୍ୟ ପରୀକ୍ଷା ଘୁଂଚାଇ ଦିଆଯାଇଥିବା ନେଇ ସୂଚନା ଦିଆଯାଇଛି । ପରୀକ୍ଷା କେବେ ହେବ ସେ ନେଇ ପରବର୍ତୀ ସମୟରେ ସୂଚନା ଦିଆଯିବ ବୋଲି କୁହା ଯାଇଛି ।

## ଭୁବନେଶ୍ୱରରେ ଭାରତ ବନ୍ଦର ଆଂଶିକ ପ୍ରଭାବ

ଭୁବନେଶ୍ୱର, ୨୮ ।୩(ପି.ଏନ): ବ୍ୟାଙ୍କ ଘରୋଇକରଣ, ଇପିଏଫ୍ ସୁଧହାର ହ୍ରାସ, ଅହେତୁକ ଦରଦାମ୍ ବୃଦ୍ଧି ଆଦି ନିଷ୍ପତିକୁ ବିରୋଧ କରି ଆଜିଠୁ ୨ ଦିନିଆ ବନ୍ଦ ଡାକରା ଦେଇଛି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ସଂଗଠନ । ଆଜି ସକାଳୁ ସକାଳୁ ଭୁବନେଶ୍ୱରରେ ଏହି ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା । ରାଜଧାନୀ ଭୁବନେଶ୍ୱରରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ରାସ୍ତାରୋକ କରାଯାଇଛି । ଏମାନଙ୍କର କର୍ମୀ ମାନେ ହାତରେ ପ୍ଲାକାର୍ଡ ଧରି ପିକେଟିଂ କରୁଥିବା ଦେଖା ଯାଇଥିଲା । ଭୁବନେଶ୍ୱର ରେଳ ଷ୍ଟେସନରେ ନାରାବାଜୀ ସହ ରେଲରୋକ କରିଛନ୍ତି ଆନ୍ଦୋଳନକାରୀ । ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର, ରାଷ୍ଟ୍ରାୟତ ସଂସ୍ଥାର ବିକ୍ରି ବନ୍ଦ, ଅହେତୁକ ଦରଦାମ୍ ବୃଦ୍ଧି, ଇପିଏଫ ଜମା ଉପରେ ସୁଧହାର ହ୍ରାସ ଓ କେନ୍ଦ୍ରର ବିଭିନ୍ନ ନୀତିକୁ ବିରୋଧ କରି ଏହି ବନ୍ଦ ଡାକରା ଦିଆଯାଇଛି ।

## ପଦ୍ମ ପୁରସ୍କାର ପାଇଲେ ପ୍ରତିଭା ରାୟ , ପ୍ରମୋଦ ଭଗତ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮ ।୩(ପି.ଏନ): ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଠାରୁ ପଦ୍ମ ପୁରସ୍କାର ଗ୍ରହଣ କରିଛନ୍ତି ବିଶିଷ୍ଟ ସାହିତ୍ୟିକା ତଥା ଶିକ୍ଷାବିତ୍ ଡ.ପ୍ରତିଭା ରାୟ ଓ ପାରା ଅଲମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ପ୍ରମୋଦ ଭଗତ । ସୋମବାର ଦିନ ରାଷ୍ଟ୍ରପତି ଭବନରେ ଏକ ସ୍ୱତନ୍ତ୍ର ସମାରୋହରେ ଡ.ପ୍ରତିଭା ରାୟଙ୍କୁ 'ପଦ୍ମଭୂଷଣ' ଓ ପାରା ଅଲମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ପ୍ରମୋଦ ଭଗତଙ୍କୁ 'ପଦ୍ମଶ୍ରୀ' ପୁରସ୍କାର ପ୍ରଦାନ କରାଯାଇଛି । ଏମାନଙ୍କ ସହ ବିଭିନ୍ନ ରାଜ୍ୟର ସମୁଦାୟ ୭୪ ଜଣ ସଫଳ ବ୍ୟକ୍ତଙ୍କୁ ଆଜିର ସମାରୋହରେ ପୁରସ୍କୃତ କରାଯାଇଛି । ଏହି ପୁରସ୍କାର ପ୍ରଦାନ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହ ଉପସ୍ଥିତ ଥିଲେ ।ପ୍ରତିଭା ରାୟ ଏଥିପୂର୍ବରୁ ୨୦୦୭ ମସିହାରେ ପଦ୍ମଶ୍ରୀରେ ସମ୍ମାନିତ ହୋଇଥିଲେ । ସାହିତ୍ୟ କ୍ଷେତ୍ରକୁ ଅବଦାନ ଲାଗି ସେ ୨୦୦୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ୨୦୧୧ରେ ଜ୍ଞାନପୀଠ ପୁରସ୍କାର ଭଳି ଶୀର୍ଷ ପୁରସ୍କାର ଲାଭ କରିଥିଲେ ।ସେହିପରି ପାରା ଅଲମ୍ପିକ୍ସରେ ବ୍ୟାଡମିଂଟନରେ ଦେଶ ପାଇଁ ସ୍ୱର୍ଣ୍ଣପଦକ ଆଣିଥିବା ପାରା ଆଥଲେଟ୍ ପ୍ରମୋଦ ଭଗତଙ୍କୁ ଆଜି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି ।

## ପୂର୍ବତନମନ୍ତ୍ରୀ ରିପୁନାଥ ସେଠ୍‌ଙ୍କ ବିୟୋଗରେ ଶୋକ



ଭୁବନେଶ୍ୱର, ୨୮ ।୩(ପି.ଏନ) : ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ୍‌ଙ୍କ ନିଜ ବାସସ୍ଥାନ ବରଗଡ଼ସ୍ଥିତ ଏକ ଘରୋଇ ହସିଟାଲରେ ହୃଦ୍‌ଘାଟ ଯୋଗୁ ଚିକିତ୍ସାଧିନ ଅବସ୍ଥାରେ ୬୭ ବର୍ଷ ବୟସରେ ପରଲୋକ ହୋଇଯାଇଅଛି । ସେ ୧୯୯୫ ରୁ ୨୦୦୦ ମସିହା ପର୍ଯ୍ୟନ୍ତ କଂଗ୍ରେସ ସରକାରରେ ଗଣଶିକ୍ଷା, ଶକ୍ତି ଏବଂ ଖେଳ ବିଭାଗର ମନ୍ତ୍ରୀ ଥିଲେ । ସେ ୨୦୧୯ ମସିହାରେ ବିଜେପୁର ନିର୍ବାଚନ ମଣ୍ଡଳିରୁ କଂଗ୍ରେସ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦିତା କରିଥିଲେ । ତାଙ୍କ ବିୟୋଗରେ ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ ଗଭିର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାନପନ କରିଛନ୍ତି ।ଶ୍ରୀ ପଟ୍ଟନାୟକ ତାଙ୍କ ଶୋକ ବର୍ତ୍ତାରେ ରିପୁନାଥ ସେଠ୍‌ଙ୍କ ବିୟୋଗରେ ରାଜ୍ୟ କଂଗ୍ରେସ ଦଳ ପଶ୍ଚିମ ଓଡ଼ିଶାର ଏକ ଆଗଧାଡ଼ିର ନେତାଙ୍କୁ ହରାଇଲା ବୋଲି ପ୍ରକାଶ କରିଛନ୍ତି ।

## ରାଜ୍ୟରେ ମହିଳା ଅସୁରକ୍ଷିତ: ୪ ବର୍ଷରେ ୧୧,୭୬୩ ଜଣଙ୍କୁ ବଳାତ୍କାର



ଭୁବନେଶ୍ୱର, ୨୮ ।୩(ପି.ଏନ): ରାଜ୍ୟର ବିଜେଡି ସରକାର ନିଜର ଭୋଟ୍ ବ୍ୟାଙ୍କ ପାଇଁ ମହିଳାଙ୍କୁ ଉପଯୋଗ କରୁଥିଲେ ମଧ୍ୟ ଓଡିଶାରେ କ୍ରମାଗତ ଭାବେ ମହିଳାଙ୍କ ବିରୋଧରେ ହିଂସା ବୃଦ୍ଧି ପାଇବାରେ ଲାଗିଛି । ଓଡିଶାରେ ମହିଳାଙ୍କୁ ହତ୍ୟା, ବଳାତ୍କାର, ଯୌତୁକଜନିତ ନିର୍ଯାତନା ଆଦି ମାମଲା ବୃଦ୍ଧି ପାଇବା ସହ ୨୦୨୦ ମସିହା ତୁଳନାରେ ୨୦୨୧ ମସିହାରେ ଅପରାଧ ବୃଦ୍ଧି ପାଇଛି । ଗତ ୪ବର୍ଷ ମଧ୍ୟରେ ମୋଟ ୧୧୭୬୩ଜଣ ମହିଳାଙ୍କୁ ବଳାତ୍କାରର ଶିକାର ହେବାକୁ ପଡିଥିବାବେଳେ ରାଜ୍ୟରେ ମହିଳା ବିରୋଧୀ ହିଂସା ମାମଲାରେ ଦଣ୍ଡବିଧାନ ହାର ମାତ୍ର ୯.୨% ରହିଛି ।ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଆଜି ବିଧାନସଭାରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ସନ୍ତୋଷ ସିଂ ସାଲୁଜାଙ୍କ ଭିନ୍ନ ଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ ରାଜ୍ୟରେ ୨୦୨୧ ମସିହାରେ ମହିଳା ବିରୋଧୀ ହିଂସା ମାମଲାରେ ମୋଟ ୩୩୨୭ଟି ବଳାତ୍କାର, ୯୩ଟି ମହିଳା ଚାଲାଣ ମାମଲା, ୫୦୪୮ଟି ଅପହରଣ ସମେତ ମୋଟ ୩୫,୩୨୬ଟି ମହିଳା ବିରୋଧୀ ହିଂସା ମାମଲା ରୁଜୁ ହୋଇଛି । ୨୦୨୧ ମସିହା ତୁଳନାରେ ରାଜ୍ୟରେ ଅପରାଧ ମାମଲା ସାମାନ୍ୟ ବୃଦ୍ଧି ପାଇଛି ।ରାଜ୍ୟରେ ୨୦୧୮ରୁ ୨୦୨୧ ମସିହା ମଧ୍ୟରେ ମୋଟ ୧୧୭୬୩ଜଣ ମହିଳାଙ୍କୁ ବଳାତ୍କାରର ଶିକାର ହେବାକୁ ପଡିଛି । ୨୦୧୮ ମସିହାରେ ୨୫୦୨ଜଣ ମହିଳା ବଳାତ୍କାରର ଶିକାର ହୋଇଥିବାବେଳେ ୨୦୧୯ ମସିହାରେ ୨୯୫୦ଜଣ, ୨୦୨୦ ମସିହାରେ ୨୯୮୪ଜଣ ଓ ୨୦୨୧ ମସିହାରେ ୩୩୨୭ଜଣ ମହିଳାଙ୍କୁ ବଳାତ୍କାରର ଶିକାର ହୋଇଛନ୍ତି ।ସେହିପରି ଯୌତୁକ ହିଂସାର ଶିକାର ହୋଇଥିବା ମହିଳାଙ୍କ ସଂଖ୍ୟା ଗତ ୪ବର୍ଷରେ ମୋଟ ୧୦୧୯୦ରେ ପହଂଚିଛି । ୨୦୧୮ରୁ କ୍ରମାଗତ ଭାବେ ଏହି ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ୨୦୧୮ ମସିହାରେ ମୋଟ ୧୬୧୬ଜଣ ଯୌତୁକ ହିଂସାର ଶିକାର ହୋଇଥିବାବେଳେ ୨୦୧୯ ମସିହାରେ ୨୫୩୨ଜଣ, ୨୦୨୦ ମସିହାରେ ୩୧୫୩ଜଣ ଓ ୨୦୨୧ ମସିହାରେ ୪୮୮୯ଜଣ ମହିଳା ବିବାହ ପରେ ଯୌତୁକଜନିତ ହିଂସାର ଶିକାର ହୋଇଛନ୍ତି । ସେହିପରି ୨୦୧୮ରୁ ୨୦୨୧ ମସିହା ମଧ୍ୟରେ ମୋଟ ୨୫୪୩ଜଣ ମହିଳାଙ୍କୁ ହତ୍ୟାର ଶିକାର ହେବାକୁ ପଡିଛି ।ଅନ୍ୟପକ୍ଷରେ ବିଧାୟକ ମୋହନ ଚରଣ ମାଝୀଙ୍କ ଅନ୍ୟ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମିଶ୍ର କହିଛନ୍ତି ଯେ, ୨୦୧୦ ମସିହାରୁ ଏପର୍ଯ୍ୟନ୍ତ ୭୬୨୨ଜଣ ମହିଳା କଏଦୀ(ଉଭୟ ଦୋଷୀସାବ୍ୟସ୍ତ ଓ ବିଚାରାଧୀନ) ବିଭିନ୍ନ ଜେଲରେ ଅଛନ୍ତି । ଫେବୃୟାରୀ ୨୮ତାରିଖ ସୁଦ୍ଧା ବିଭିନ୍ନ ଜେଲରେ ୩୬ଜଣ ମାଆ ବନ୍ଦୀ ଭାବେ ରହୁଛନ୍ତି ଓ ଏମାନଙ୍କ ସହ ୦ରୁ ୬ବର୍ଷ ବୟସର ୩୮ଜଣ ଶିଶୁ ରହିଛନ୍ତି । କୌଣସି ମହିଳା କଏଦୀ ଜେଲକୁ ଆସିବା ପରେ ଗର୍ଭବତୀ ହୋଇନାହାନ୍ତି । କେବଳ ୨୦୧୩ ମସିହାରେ ଜେଲ୍ ଭିତରେ ଜଣେ ମହିଳା କଏଦୀ ଯୌନ ନିର୍ଯାତନାର ଶିକାର ହୋଇଥିବାର ଅଭିଯୋଗ ସରକାରଙ୍କୁ ମିଳିଥିଲା । ଏହାର ତଦନ୍ତ କରାଯାଇ ଅଭିଯୋଗକାରିଣୀଙ୍କୁ ଏକ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯାଇଥିଲା ।

## ରାଜ୍ୟର ବିତୀୟ ସ୍ଥିତି ଭଲ : ଅର୍ଥ ମନ୍ତ୍ରୀ

ଭୁବନେଶ୍ୱର, ୨୮ ।୩(ପି.ଏନ): ଓଡିଶା ଋଣ ଭାରରେ ବୁଡି ରହିଥିବା ଓ ଋଣ ଆଣି ସରକାରୀ କର୍ମଚାରୀଙ୍କୁ ଦରମା ଦିଆଯାଉଥିବା କଥା ସମ୍ପୂର୍ଣ୍ଣ ଭିତିହୀନ ବୋଲି କହିଛନ୍ତି ରାଜ୍ୟ ଅର୍ଥ ମନ୍ତ୍ରୀ ନିରଂଜନ ପୁଜାରୀ । କଂଗ୍ରେସ ବିଧାୟକ ସୁରେଶ ରାଉତରାୟଙ୍କ ଏକ ପ୍ରଶ୍ନ ଓ ଅନ୍ୟ ବିଧାୟକ ମାନଙ୍କର ଅତିରିକ୍ତ ପ୍ରଶ୍ନର ଉତର ଦେଇ ସେ କହିଛନ୍ତି ଯେ କୌଣସି ବିକାଶଶୀଳ ରାଜ୍ୟରେ ଋଣ ନେଇ ଲୋକ ମାନଙ୍କର ବିକାଶ କାମରେ ଲଗାଇବାରେ କିଛି ଅସୁବିଧା ନାହିଁ । ତେବେ କିଏ କେତେ ଋଣ ନେଇ ପାରିବ ତାକୁ ନେଇ ମାନକ ରହିଛି । ଏହି ସବୁ ମାନକରେ ଓଡିଶା ଖୁବ ଭଲ ସ୍ଥିତିରେ ଅଛନ୍ତି ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଅର୍ଥନୀତି ପରିଚାଳନା କ୍ଷେତ୍ରରେ ଓଡ଼ିଶା ଦେଶରେ ଏକ ନମ୍ବର ରାଜ୍ୟ ହେବାକୁ ଯାଉଛି । କହିଛନ୍ତି, ଋଣ କରି କେବଳ ବିକାଶମୂଳକ କାର୍ଯ୍ୟରେ ବିନିଯୋଗ କରାଯାଉଛି । ସବୁଠୁ କମ ଋଣ ନେବାରେ ଓଡ଼ିଶା ଆଗକୁ ନମ୍ବର ଏକ ରାଜ୍ୟ ହେବ । ମାର୍ଚ୍ଚ ୩୧ରେ କର୍ଣ୍ଣାଟକକୁ ପଛରେ ପକାଇ ଓଡ଼ିଶା ଏକ ନମ୍ବର ହେବ । ସେ କହିଛନ୍ତି ଯେ ବର୍ତମାନ ରାଜ୍ୟର ମୁଣ୍ଡ ପିଛା ଋଣ ଭାର ୨୨ ହଜାର ୮୨୭ ଟଙ୍କା ରହିଛି । ରାଜ୍ୟ ସରକାର ଯେତିକି ଋଣ କରୁଛନ୍ତି ସେ ସବୁ ଟଙ୍କା କେବଳ ରାଜ୍ୟର ବିକାଶମୂଳକ କାର୍ଯ୍ୟରେ ବ୍ୟବହାର କରାଯାଉଛି । ଏହି ଟଙ୍କାରେ କର୍ମଚାରୀଙ୍କୁ ଦରମା ଦିଆଯାଉ ନାହିଁ । ବର୍ତମାନ ସୁଦ୍ଧା ରାଜ୍ୟ ସରକାର ବିଭିନ୍ନ ଉତ୍ସରୁ ୧ ଲକ୍ଷ ୬ ହଜାର କୋଟି ଟଙ୍କା ଋଣ କରିଛନ୍ତି ।

## ଏପ୍ରିଲ ୧ରେ ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା'ର ପଂଚମ ସଂସ୍କରଣ: ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୮ ।୩(ପି.ଏନ): ଆସନ୍ତା ଏପ୍ରିଲ ୧ ତାରିଖ ପୂର୍ବାହ୍ନ ୧୧ଟାରେ ନୂଆଦିଲ୍ଲୀର ତାଲକଟୋରା ଷ୍ଟାଡ଼ିୟମରେ 'ପରୀକ୍ଷା ପେ ଚର୍ଚ୍ଚା'ର ପଂଚମ ସଂସ୍କରଣ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱର ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହିତ ଚର୍ଚ୍ଚା ଆଲୋଚନା କରିବେ ବୋଲି ସୋମବାର ନୂଆଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ଚାପମୁକ୍ତ ପରୀକ୍ଷା ପାଇଁ 'ପରୀକ୍ଷା ପେ ଚର୍ଚ୍ଚା'କୁ ଏକ ଜନଆନ୍ଦୋଳନର ରୂପ ଦେବାକୁ ସେ ଆହ୍ୱାନ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଯୁବପିଢ଼ିଙ୍କ ବହୁ ପ୍ରତୀକ୍ଷିତ ଏହି ବାର୍ଷିକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗାମୀ ଦିନରେ ହେବାକୁ ଥିବା ବୋର୍ଡ ଓ ପ୍ରବେଶିକା ପରୀକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପୂର୍ବରୁ ଚାପମୁକ୍ତ କରିବା ଦିଗରେ ପରାମର୍ଶ ଦେବେ । କୋଭିଡ୍ କଟକଣା କାରଣରୁ କେବଳ ଦିଲ୍ଲୀ ଏନସିଆର, ଉତରପ୍ରଦେଶ ଏବଂ ହରିୟାଣାର ୧ ହଜାର ଛାତ୍ରଛାତ୍ରୀଙ୍କୁ ତାଲକଟୋରା ଷ୍ଟାଡ଼ିୟମରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ନିମନ୍ତ୍ରଣ କରାଯାଇଛି ।ଚଳିତ ଥର ପ୍ରଥମ ଥର ପାଇଁ ସବୁ ରାଜଭବନରେ ରାଜ୍ୟପାଳଙ୍କ ସହ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ଏହି କାର୍ଯ୍ୟକ୍ରମକୁ ଦେଖିବାର କାର୍ଯ୍ୟକ୍ରମ ରହିଛି । ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ସବୁ ଅନୁଷ୍ଠାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ବିଭିନ୍ନ ଅନୁଷ୍ଠାନ, ନର୍ସିଂ ସ୍କୁଲ ତଥା ଭାରତ ସରକାରଙ୍କ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପରୀକ୍ଷା ପେ ଚର୍ଚ୍ଚା ଆୟୋଜନ କରାଯିବାର ମଧ୍ୟ ଯୋଜନା ରହିଛି । ବିଦେଶରୁ ମଧ୍ୟ ଭର୍ଚୁଆଲ ମାଧ୍ୟମରେ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକ ଯୋଡିହେବେ ।ଶ୍ରୀ ପ୍ରଧାନ କହିଛନ୍ତି ଯେ ପରୀକ୍ଷା ପେ ଚର୍ଚ୍ଚା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା ଏକ ଅଭିନବ କାର୍ଯ୍ୟକ୍ରମ । ପରୀକ୍ଷା ଶୁଣିବା ମାତ୍ର ଛାତ୍ରଛାତ୍ରୀଙ୍କ ମନରେ ଭୟ ଆସେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରମାନେ ପରୀକ୍ଷାରୁ ଚାପ ମୁକ୍ତ ହେବେ ଓ ସଫଳତାର ମନ୍ତ୍ର ପାଇପାରିବେ । ଏହି କାର୍ଯ୍ୟକ୍ରମ ନୂଆପିଢ଼ିଙ୍କ ଆତ୍ମବିଶ୍ୱାସକୁ ବଢ଼ାଇବ । କାର୍ଯ୍ୟକ୍ରମ ପାଇଁ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ତଥା ସମାଜର ସବୁ ଶ୍ରେଣୀର ସହଯୋଗ ଲୋଡ଼ିଛନ୍ତି କେନ୍ଦ୍ରମନ୍ତ୍ରୀ ।ଗତ ବର୍ଷ ମହାମାରୀ ସମୟରେ ଅନଲାଇନରେ ପରୀକ୍ଷା ପେ ଚର୍ଚ୍ଚା ଅନୁଷ୍ଠିତ ହୋଇଥିଲା । ଏହି ବର୍ଷ ପରୀକ୍ଷା ପେ ଚର୍ଚ୍ଚାକୁ ଲୋକପ୍ରିୟ କରିବା ପାଇଁ, ବିଦ୍ୟାର୍ଥୀ ମାନଙ୍କ ପାଖରେ ପହଁଚାଇବା ପାଇଁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଚଳିତ ବର୍ଷ ମାଇ ଜିଓଭି ଡଟ୍ ଇନ୍ ପ୍ଲାଟଫର୍ମ ମାଧ୍ୟମରେ ୨୦୨୧ ଡ଼ିସେମ୍ବର ୨୮ରୁ ୨୦୨୨ ଫେବୃୟାରୀ ୩ ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା ଦ୍ୱାରା ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି । ଏହି ବର୍ଷ ରଚନାତ୍ମକ ଲେଖା ପ୍ରତିଯୋଗିତା ପାଇଁ ୧୫.୭ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଞ୍ଜିକରଣ କରିବା ସହ ଭାଗ ନେଇଥିଲେ । ଏଗଜାମ ଷ୍ଟ୍ରେସ ମ୍ୟାନଜମେଂଟ୍, ସ୍ୱାଧୀନତାର ଅମୃତ ମହୋତ୍ସବ, ପର୍ଯ୍ୟାବରଣ, ଅଭିଭାବକଙ୍କ ଭୂମିକା, ଭୋକାଲ ଫର୍ ଲୋକାଲ ଭଳି ବିଭିନ୍ନ ପ୍ରତିଯୋଗିତାରେ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଏନସିଇଆରଟିର ନିର୍ଦ୍ଦେଶକଙ୍କ ଦ୍ୱାରା ଏକ ସାର୍ଟିଫିକେଟ୍ ପ୍ରଦାନ କରାଯିବା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରଚିତ ଏଗଜାମ ୱାରିୟର ପୁସ୍ତକ ଥିବା ସ୍ୱତନ୍ତ୍ର ପରୀକ୍ଷା ପେ ଚର୍ଚ୍ଚା କିଟ୍ ପ୍ରଦାନ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି ।ଏହି କାର୍ଯ୍ୟକ୍ରମ ଦୂରଦର୍ଶନ, ରେଡ଼ିଓ ଚ୍ୟାନେଲ, ବିଭିନ୍ନ ଟିଭି ଚ୍ୟାନେଲ ସମେତ, ଶିକ୍ଷା ମନ୍ତ୍ରଣାଳୟ, ନରେନ୍ଦ୍ର ମୋଦି, ପିଏମଓ ଇଣ୍ଡିଆ, ପିଆଇବି ଇଣ୍ଡିଆ ଭଳି ଡ଼ିଜିଟାଲ ପ୍ଲାଟଫର୍ମ ତଥା ୟୁଟ୍ୟୁବ ଚ୍ୟାନେଲ ସମେତ ଦୂରଦର୍ଶନ ନ୍ୟାସନାଲ, ଡ଼ିଡି ନ୍ୟୁଜ୍, ମାଇ ଗଭ.ଇଣ୍ଡିଆ, ସଂସଦ ଟିଭି ଏବଂ ସ୍ୱୟଂପ୍ରଭାରେ ସିଧାସଳଖ ପ୍ରସାରଣ କରାଯିବ ।

ପର୍ଯ୍ୟବେକ୍ଷକ
PARYABEKHYAK








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୁତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୁତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୁତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

# ଥରକେ ୧୦୦




ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧ୍ୱରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ୍ୱ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧ୍ୱର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଭାରତକୁ ଆତ୍ମନିର୍ଭର କରିବା ନିମନ୍ତେ କର୍ମ-ସୁଯୋଗ ବଢାଇବା ଆବଶ୍ୟକ



ପ୍ରାକୃତିକ ସଂପଦର ପ୍ରାଚୁର୍ଯ୍ୟ, ମାନବ ସମ୍ବଳର ବିପୁଳତା ଏବଂ ଅନ୍ତର୍ନିହିତ ଉଦ୍ୟମିତା କୌଶଳରେ ଭରପୂର ଭାରତ ବର୍ଷ ନିଜ କୃଷି, ବିନିର୍ମାଣ ଏବଂ ସେବା କ୍ଷେତ୍ରକୁ ପରିବର୍ତ୍ତିତ କରିବା ସହିତ ପର୍ଯ୍ୟାପ୍ତ ପରିମାଣରେ କାର୍ଯ୍ୟସୁଯୋଗ ଉତ୍ପନ୍ନ କରି ନିଜ ଅର୍ଥବ୍ୟବସ୍ଥାକୁ ଉଚ୍ଚସ୍ତରକୁ ନେଇ ଯିବାର ସାମର୍ଥ୍ୟରେ ବୃଦ୍ଧି ଘଟାଇଛି । ବିଗତ କରୋନା କାଳରେ ଆମେ ରୋଜଗାର ଏବଂ ଆଜୀବିକା ଉପରେ ଏହି ମହାମାରୀର ପ୍ରଭାବ ଅନୁଭବ କରିଛନ୍ତି । ଏଥିସହିତ ଅନେକ ନୂତନ ସୁଯୋଗର ଲାଭ ସମାଜକୁ ମିଳିପାରିଛି । ଗତ ମାର୍ଚ୍ଚ ୧୧ ତାରିଖ ଠାରୁ ମାର୍ଚ୍ଚ ୧୩ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ପ୍ରତିନିଧି ସଭା ଗୁଜୁରାଟର କର୍ଣ୍ଣାବତୀ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଅଖିଳ ଭାରତୀୟ ପ୍ରତିନିଧି ସଭା ଏହି ବିଷୟରେ ଗୁରୁତ୍ୱ ଆରୋପ କରିଛି ଯେ, ସଂପୂର୍ଣ୍ଣ ସମାଜ ରୋଜଗାର ବିଷୟକ ଏହି ଆହ୍ୱାନର ମୁକାବିଲା ସଫଳତାପୂର୍ବକ କରିବା ନିମନ୍ତେ ଏଭଳି ସୁଯୋଗର ଲାଭ ଉଠାଇବା ଦରକାର ।

ଅଖିଳ ଭାରତୀୟ ପ୍ରତିନିଧିସଭାର ମତ ଯେ, ମାନବକେନ୍ଦ୍ରିତ ପରିବେଶ ଅନୁକୂଳ, ଶ୍ରମପ୍ରଧାନ ତଥା ବିକେନ୍ଦ୍ରୀକରଣ ଏବଂ ଲାଭାଂଶର ନ୍ୟାୟୋଚିତ ବିତରଣ କରୁଥିବା ଭାରତୀୟ ଆର୍ଥିକ ପ୍ରାରୂପ (Model)କୁ ମହତ୍ୱ ଦିଆଯିବା ଉଚିତ; ଯାହା ଗ୍ରାମୀଣ ଅର୍ଥ ବ୍ୟବସ୍ଥା, କ୍ଷୁଦ୍ରଶିଳ୍ପ ତଥା ଲଘୁ ଉଦ୍ୟୋଗ ଏବଂ କୃଷି ଆଧାରିତ ଉଦ୍ୟୋଗ ବୃଦ୍ଧିରେ ସହାୟକ ହେବ । ଗ୍ରାମୀଣ କ୍ଷେତ୍ରରେ ରୋଜଗାର, ଅସଂଗଠିତ କ୍ଷେତ୍ର ଏବଂ ମହିଳାଙ୍କ ପାଇଁ ରୋଜଗାର ତଥା ଅର୍ଥ ବ୍ୟବସ୍ଥାରେ ସେମାନଙ୍କର ସହଭାଗୀତା ଭଳି କ୍ଷେତ୍ରଗୁଡିକୁ ବଢାଇବା ଜରୁରୀ । ଆମକୁ ସାମାଜିକ ପରିସ୍ଥିତି ସହ ଖାପ ଖୁଆଇ ନୂତନ ଜ୍ଞାନକୌଶଳ ତଥା Soft skills (ନରମ କର୍ମକୌଶଳ) ଆପଣେଇବାର ଚେଷ୍ଟା କରିବା ଉଚିତ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉପରୋକ୍ତ ଦିଗରେ ନିଯୁକ୍ତି ସୃଷ୍ଟିର ଅନେକ ସଫଳ ଉଦାହରଣ ଦେଶର ପ୍ରତ୍ୟେକ ଭାଗରେ ଉପଲବ୍ଧ । ଏହି ପ୍ରୟାସ ଗୁଡିକରେ ସ୍ଥାନୀୟ ବୈଶିଷ୍ଟ୍ୟ, ପ୍ରତିଭା ଏବଂ ଆବଶ୍ୟକତାକୁ ମଧ୍ୟ ଧ୍ୟାନ ଦିଆଯାଇଛି । ଏହିଭଳି ବହୁସ୍ଥାନରେ ଉଦ୍ୟୋଗୀ, ବ୍ୟବସାୟୀ, ମାଇକ୍ରୋଫାଇନାନ୍ସ (ସୂକ୍ଷ୍ମ ଅର୍ଥଲଗାଣକାରୀ ସଂସ୍ଥା), ସ୍ୱୟଂସହାୟକ ଗୋଷ୍ଠୀ ଓ ସ୍ୱେଚ୍ଛାସେବୀ ସଂଗଠନ ଗୁଡିକ ବର୍ଦ୍ଧିତ ମୂଲ୍ୟର ଉତ୍ପାଦିତ ଦ୍ରବ୍ୟଗୁଡ଼ିକ ସମବାୟ ସମିତି ଜରିଆରେ ତଥା ସ୍ଥାନୀୟ ଉତ୍ପାଦନର ପ୍ରତ୍ୟେକ୍ଷ ମାର୍କେଟିଂ କରିବା ପାଇଁ ଦକ୍ଷତା ବିକାଶ ଇତ୍ୟାଦି କ୍ଷେତ୍ରରେ ଉଦ୍ୟମ ଆରମ୍ଭ କରିଛନ୍ତି । ଏହି ପ୍ରୟାସଗୁଡିକ ଦ୍ୱାରା ସ୍ୱାସ୍ଥ୍ୟ, ଶିକ୍ଷ, ଖାଦ୍ୟ ପ୍ରକ୍ରିୟାକରଣ, ଘରୋଇ ଉତ୍ପାଦନ ତଥା ପାରିବାରିକ ଉଦ୍ୟୋଗ ଭଳି ବ୍ୟବସାୟକୁ ପ୍ରୋତ୍ସାହିତ କରିଛି । ଏହିସବୁ ଅନୁଭବକୁ ପରସ୍ପର ମଧ୍ୟରେ ଆଦାନପ୍ରଦାନ କରି ଯେଉଁଠାରେ ଯାହା ଆବଶ୍ୟକ ସେଠରେ ତାହାର ପୁନରାବୃତି କରିବାକୁ ଚେଷ୍ଟା କରାଯାଇପାରେ । କେତେକ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ସଂସ୍ଥା ଗୁଡିକର ରୋଜଗାର ସୃଷ୍ଟିରେ ମଧ୍ୟ ଉଲ୍ଲେଖନୀୟ ଯୋଗଦାନ ଅଛି ।

ଦୁର୍ବଳ ଏବଂ ଅବହେଳିତ ବର୍ଗଙ୍କ ସହିତ ସମାଜର ଏକ ବୃହତ ଗୋଷ୍ଠୀକୁ ସ୍ଥାୟୀ ରୋଜଗାର ଯୋଗାଇବାର ସକ୍ଷମ ପ୍ରତ୍ୟକ୍ଷ୍ୟ ଉଦାହରଣଗୁଡ଼ିକୁ ପ୍ରତିନିଧି ସଭା ପ୍ରଶଂସା କରୁଛି । ସମାଜରେ 'ସ୍ୱଦେଶୀ ଓ ସ୍ୱାବଲମ୍ବନ'ର ଭାବନା ଉତ୍ପନ୍ନ କରିବାର ପ୍ରୟାସ ଦ୍ୱାରା ଆରମ୍ଭ ହୋଇଥିବା କାର୍ଯ୍ୟକୁ ପ୍ରୋତ୍ସାହନ ମିଳିବ ।

ଉଚ୍ଚ ରୋଜଗାର କ୍ଷମ ବିନିର୍ମାଣ କ୍ଷେତ୍ରକୁ ସୁଦୃଢ଼ କରିବା ଆବଶ୍ୟକ, ଯାହା ଆମଦାନୀ କ୍ଷେତ୍ରରେ ଆମର ନିର୍ଭରଶୀଳତାକୁ କମ୍ କରିବ । ଶିକ୍ଷା ତଥା ପରାମର୍ଶ ମାଧ୍ୟମରେ ସମାଜରେ ବିଶେଷ କରି ଯୁବପୀଢିମାନଙ୍କ ମଧ୍ୟରେ ଉଦ୍ୟୋଗୀ ହେବା ପାଇଁ ପ୍ରୋତ୍ସାହନ ଦେଉଥିବା ବାତାବରଣ ତିଆରି ହେବା ଦରକାର । ଯାହା ଫଳରେ ସେମାନେ କେବଳ ଚାକିରୀ କରିବାର ମାନସିକତା ଠାରୁ ଦୁରେଇ ରହିବେ । ଏହି ପ୍ରକାରର ଉଦ୍ୟମଶୀଳତାର ଭାବନାକୁ ମହିଳା, ଗ୍ରାମବାସୀ, ଦୂରଦୂରାନ୍ତରରେ ଥିବା ଜନଜାତି ଅଂଚଳରେ ମଧ୍ୟ ବଢେଇବାର ଆବଶ୍ୟକତା ଅଛି । ଶିକ୍ଷାବିତ, ବିଶିଷ୍ଟ ଶିଳ୍ପପତି, ସାମାଜିକ ନେତୃତ୍ୱ, ସମାଜ ସଂଗଠନ ତଥା ବିବିଧ ସଂସ୍ଥା ଏହି ଦିଗରେ ପ୍ରଭାବୀ ଭୂମିକା ଗ୍ରହଣ କରିବେ ଏବଂ ଏଥିପାଇଁ ସରକାରୀ ତଥା ଅନ୍ୟ ମାଧ୍ୟମ ସହିତ ମିଶି କାର୍ଯ୍ୟ କରି ଚାଲିବେ ।

ଅଖିଳ ଭାରତୀୟ ପ୍ରତିନିଧି ସଭା ଅନୁଭବ କରୁଛି ଯେ, ଦ୍ରୁତଗତିରେ ବଦଳୁଥିବା ଆର୍ଥିକ ତଥା ବୈଷୟିକ ଅବସ୍ଥା ସହ ବିଶ୍ୱସ୍ତରୀୟ ଆହ୍ୱାନକୁ ସାମନା କରିବା ପାଇଁ ଆମକୁ ସାମାଜିକ ସ୍ତରରେ ଅଭିନବ ଉପାୟ ଖୋଜିବାକୁ ପଡିବ । ଉଦୀୟମାନ ଡିଜିଟାଲ ଅର୍ଥବ୍ୟବସ୍ଥା ଏବଂ ରପ୍ତାନୀ କାରଣରୁ ସୃଷ୍ଟି ହେଉଥିବା ନିଯୁକ୍ତି ଓ ଉଦ୍ୟୋଗର ସୁଯୋଗଗୁଡିକୁ ଗଭୀର ଭାବରେ ଅନ୍ୱେଷଣ କରାଯିବା ଉଚିତ । ଚାକିରୀ କରିବା ପୂର୍ବରୁ ଓ ଚାକିରୀ ପାଇବାପରେ ମାନବସମ୍ବଳର ପ୍ରଶିକ୍ଷଣ, ଅନୁସନ୍ଧାନ ତଥା ବୈଷୟିକ ଉଦ୍ଭାବନ, ଷ୍ଟାର୍ଟଅପ୍ ଓ ସବୁଜ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧରେ ଆମେ ଉପଲବ୍ଧ ସୁବିଧାର ସହଭାଗୀ ହେବା ଉଚିତ ।

ଅଖିଳ ଭାରତୀୟ ପ୍ରତିନିଧି ସଭା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ସ୍ଥାୟୀ ଏବଂ ସାମଗ୍ରିକ ବିକାଶର ଲକ୍ଷ୍ୟପ୍ରାପ୍ତି କରି ନାଗରିକମାନଙ୍କର ନିଯୁକ୍ତି ସୃଷ୍ଟି ପଛରେ ଭାରତକେନ୍ଦ୍ରିତ ଆଦର୍ଶ ଉପରେ କାମ କରିବା ପାଇଁ ଆହ୍ୱାନ କରୁଛି । ଅଖିଳ ଭାରତୀୟ ପ୍ରତିନିଧି ସଭା ସମାଜର ସବୁବର୍ଗଙ୍କୁ ଆହ୍ୱାନ କରୁଛି ଯେ, ବିଭିନ୍ନ ପ୍ରକାର କାର୍ଯ୍ୟ କରିବାର ପରିସରକୁ ବଢାଇ ଶାଶ୍ୱତ ମୂଲ୍ୟ ଆଧାରିତ ଏଭଳି ଏକ ସୁସ୍ଥ କର୍ମସଂସ୍କୃତି ପ୍ରତିଷ୍ଠା କରାଯିବା ଉଚିତ, ଯାହାଦ୍ୱାରା ଭାରତ ବୈଶ୍ୱିକ ଆର୍ଥିକ ଦୃଶ୍ୟପଟରେ ପୁନର୍ବାର ନିଜର ଉପଯୁକ୍ତ ସ୍ଥାନ ହାସଲ କରିପାରିବ ।

**ଗୋଲଖ ଚନ୍ଦ୍ର ଦାସ,** ଘିଗିଡିଆ, ବାରୁଅ, କେନ୍ଦ୍ରାପଡା, ମୋ-୯୮୬୧୦୨୮୫୫୩

## ଜାରକା ଶିକ୍ଷାଞ୍ଚଳ ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ




ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା(ପଣ୍ଡୁଆ) ଶିକ୍ଷାଞ୍ଚଳ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ଉଠିଛି । ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ସ୍ଥାନା'ର କରାନଯାଇ ଅଳ୍ପ ଚଉଡ଼ାର ରାସ୍ତା ନିର୍ମାଣ କରାଯାଇଛି । ବିଦ୍ୟୁତ୍ ଖୁଣ୍ଟ ଥିବାରୁ ଡ୍ରେନ୍ ଓ ରାସ୍ତା ମଝିରେ ଥିବା ଅବଶିଷ୍ଟ ସ୍ଥାନକୁ ପିଚୁ କରାଯିବା ବଦଳରେ ଠିକାଦାର ମୋରମ୍ ପକାଇ କାମ ଚଳାଇ ଦେଇଥିବା ଦେଖିବାକୁ ମିଳିଛି । ଏଥିସହ ବେଆଇନ ଭାବେ କେତେକ ପ୍ରଭାବଶାଳୀ ଲୋକଙ୍କ ବ୍ୟକ୍ତିଗତ ସ୍ଥାନକୁ ସରକାରୀ ଅର୍ଥରେ ପିଚୁ ଓ କଂକ୍ରିଟ୍ କରାଯାଉଛି । ସେହିପରି ଶିକ୍ଷାଞ୍ଚଳ ରାସ୍ତା ନିର୍ମାଣ ନାଁରେ କେତେକ ଶିକ୍ଷାନୁଷ୍ଠାନ ପର୍ଯ୍ୟ' ଲମ୍ବିଥିବା ରାସ୍ତାକୁ ପିଚୁ କରାଯାଇଛି । ଏଥିପାଇଁ କିଛି ହାତଗୁ ମିଳୁଥିବା ଅଭିଯୋଗରେ ଦର୍ଶାଯାଇଛି । ପ୍ରକାଶ ଯେ, ଧର୍ମଶାଳା କବାଟବନ୍ଧ ରାସ୍ତାକୁ ସଂଯୋଗ କରୁଥିବା ଜାରକା ଶିକ୍ଷାଞ୍ଚଳ ରାସ୍ତାକୁ ୨୦୧୮ନଭେମ୍ବର ମାସରେ ସୁଦୃଢ଼ କରାଯାଇଥିଲା । ହେଲେ ନିମ୍ନମାନର ନିର୍ମାଣ କାମ ଓ ଭାରୀଯାନ ଚଳାଚଳ ଯୋଗୁ କିଛି ମାସ ପରେ ଏହି ରାସ୍ତାଟି ଭାଙ୍ଗିରୁଜି ଯାଇଥିଲା । ଏହାକୁ ଦୀର୍ଘଦିନ ହେଲା ମରାମତି କରା ନଯିବାରୁ ରାସ୍ତାରେ ବଡ ବଡ ଖାଲଖମା ସୃଷ୍ଟି ହେବା ସହିତ ଗାଡି ଚଳାଚଳ ବାଧାପ୍ରାପ୍ତ ହେଉଥିଲା । ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟି ଲୋକେ ଆହତ ହେଉଥିଲେ । ଅଞ୍ଚଳବାସୀଙ୍କ ବାରମ୍ୱାର ଦାବିପରେ ଇଡ୍କୋ ପକ୍ଷରୁ ୧କୋଟି ୫୧ଲକ୍ଷ ୫୩ହଜାର ୧୯୨ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନବୀକରଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା । ଗତବର୍ଷ ଜୁନ୍ ୭ତାରିଖରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବ'ାରାୟ ଉକ୍ତ ରାସ୍ତାର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଅଳ୍ପ କାମ ପାଇଁ ବହୁ ପରିମାଣର ଅର୍ଥ ବ୍ୟୟବରାଦ ହୋଇଥିବାରୁ ଠିକାଦାର ମନଇଛା କାମ କରୁଥିବା ଅଭିଯୋଗ ହୋଇଛି । ସେହିପରି ରାସ୍ତା ନିର୍ମାଣରେ ଅଯଥା ବିଳମ୍ବ କରାଯାଉଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ଖଣ୍ଡପଡା ଏନଏସି ଅଧ୍ୟକ୍ଷା ହେଲେ ଆରତୀ

ଖଣ୍ଡପଡା (ପିଏନ୍) ଖଣ୍ଡପଡା ବିଜ୍ଞାପିତ ଅଂଚଳ ପରିଷଦ ପାଇଁ ଅନୁଷ୍ଠିତ ନିର୍ବାଚନରେ ଅଧ୍ୟକ୍ଷ ପଦ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ୬ ଜଣ ପ୍ରାର୍ଥୀନିଙ୍କ ମଧ୍ୟରୁ ସ୍ୱାଧୀନ ପ୍ରାର୍ଥୀନି ଆରତୀ ପ୍ରଧାନ ସର୍ବମୋଟ ୨୫୧୯ ଖଣ୍ଡ ଭୋଟ ପାଇ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିବା ଜଣାଯାଇଛି । ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡି ପ୍ରାର୍ଥୀନି କଲ୍ୟାଣି ଆଚାର୍ଯ୍ୟଙ୍କୁ ୭୮୧ ଖଣ୍ଡ ଭୋଟରେ ପରାଜିତ କରିଥିବା ଜଣାଯାଇଛି । ବିଜେଡି ପ୍ରାର୍ଥୀନି ଶ୍ରୀମତି ଆଚାର୍ଯ୍ୟ ମାତ୍ର ୧୭୩୮ ଖଣ୍ଡ ଭୋଟ ପାଇଥିବା ବେଳେ ଅଧ୍ୟକ୍ଷା ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା କରୁଥିବା ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀନି ବିନୋଦିନୀ ମହାଁ ୯୪୫ ଖଣ୍ଡ ଭୋଟ ପାଇଥିବା ଘୋଷିତ ଫଳାଫଳରୁ ଜଣାପଡିଛି । ବିଜେପି ପ୍ରାର୍ଥୀନି ତୃପ୍ତିରାଣୀ ମିଶ୍ର ୬୩୭ ଖଣ୍ଡ ଭୋଟ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀନି ଅଳୀ ପ୍ରଧାନ ୧୧୦ ଖଣ୍ଡ,ଦିପ୍ତିମୟୀ ମିଶ୍ର ୪୦ ଖଣ୍ଡ ଭୋଟ ପାଇଛନ୍ତି । ନୋଟାରେ ୪୧ ଖଣ୍ଡ ଭୋଟ ପଡିଥିବା ପୌରନିର୍ବାଚନ ଅଧିକାରୀ ତଥା ତହସିଲଦାର ପାର୍ଥସାରଥି ହାସଁଦାଙ୍କ ଠାରୁ ପ୍ରକାଶ ।

## ଡିଫା କପ ଫୁଟବଲ ଟୁର୍ଣ୍ଣାମେଟ, ଭୁବନେଶ୍ୱର ସେମିରେ



ଧର୍ମଶାଳା (ପିଏନ୍): ଧର୍ମଶାଳା ବାଣୀପୀଠ ଖେଳପଡିଆରେ ଚାଲିଥିବା ୨୪ତମ ଡିଫା କପ ଓ ଚତୁର୍ଥ ରଂଜିତ ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟର ତୃତୀୟ କ୍ୱାଟର ଫାଇନାଲ ମ୍ୟାଚରେ ଆୟୋଜକ ଡିଫାକୁ ୨/୫ ଗୋଲରେ ପରାସ୍ତ କରି ପ୍ରତାପ କ୍ଲବ ଭୁବନେଶ୍ୱର ସେମିଫାଇନାଲରେ ପ୍ରବେଶ କରିଛି । ଧର୍ମଶାଳା ଫୁଟବଲ ଆସୋସିଏସନ ଆନୁକୂଲ୍ୟରେ ଅୟୋଜିତ ଏହି ଟୁର୍ଣ୍ଣାମେଂଟରେ ମ୍ୟାଚର ପ୍ରଥମାର୍ଦ୍ଧରେ ଡିଫା ଟିମ ୨ଗୋଟି ଗୋଲ ଦେଇଥିଲା ବେଳେ ଭୁବନେଶ୍ୱର ଟିମ ୨ ଗୋଟି ଗୋଲ କରି ମ୍ୟାଚକୁ ସମାନ ସ୍ତରକୁ ନେଇଆଣିଥିଲେ । ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱର ଲଗାତାର ଭାବେ ଡିଫା ଟିମକୁ ୩ ଗୋଟି ଗୋଲ ଦେଇ ୫/୨ ଗୋଲରେ ବିଜୟୀ ହୋଇଥିଲା । ଡିଫା ଟିମ ପକ୍ଷରୁ ସେକ ଆସିଫ ଅହମ୍ମଦ ୨ଟି ଗୋଲ ଦେଇଥିବା ବେଳେ ଭୁବନେଶ୍ୱର ଟିମ ପକ୍ଷରୁ ବବୁଲ ରାଉତ ୩ଟି, ସାଗର ରାଉତ ଗୋଟିଏ ଓ ଦାରାସିଂ ଜାମୁଡା ଗୋଟିଏ ଗୋଲ ଦେଇଥିଲେ । ଆଜିର ମ୍ୟାଚକୁ ସୁଲତାନା ପରୱିନ, ଦେବରାଜ ସ୍ୱାଇଁ ପରିଚାଳନା କରିଥିବା ବେଳେ ଶୈଳେଶ ପାଣି ଓ ସେକ ଆସିଫ ଲାଇନରେ ସହାୟତା କରିଥିଲେ । ଆଜିର ମ୍ୟାଚରେ ଚୋରମୁହାଁ ସରପଂଚ ପ୍ରଦ୍ୟୁମ୍ନ କୁମାର ମହାଁ ଓ ଯାଜପୁର ସିଟିଓ ଅଶୋକ କୁମାର ସେଠୀ ଅତିଥି ଭାବେ ଯୋଗଦେଇ ବିଜୟୀ ଟିମର ବବୁଲ ରାଉତଙ୍କୁ ମ୍ୟାନଅଫଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ । ରବିବାର ସନସାଇନ କ୍ଲବ କଟକ ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଡିଫାର ସଭାପତି ପ୍ରମୋଦ ଦାସ ଓ ସମ୍ପାଦକ ପ୍ରବୋଧ ପାତ୍ର ସୂଚନା ଦେଇଛନ୍ତି ।

## ୧୯ତମ ଜାତୀୟ ନାଟ ମହୋତ୍ସବ କ୍ୟାନଫେଷ୍ଟ-୨୦୨୨ ଉଦଯାପିତ

ପାରାଦୀପ (ପିଏନ୍)- ପାରାଦୀପର ଜୟଦେବ ସଦନ ଠାରେ ମାର୍ଚ୍ଚ ୧୯ରୁ ୨୬ ତାରିଖ ଦୀର୍ଘ ଆଠ ଦିନ ଧରି ଚାଲିଥିବା ଜାତୀୟ ନାଟ ମହୋତ୍ସବ କ୍ୟାନଫେଷ୍ଟ-୨୦୨୨ ଶନିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ସମାରୋହରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ, କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ଆଇଓସିଏଲ ପାରାଦୀପ ରିଫାଇନେରୀ ପ୍ରକଳ୍ପର ମୁଖ୍ୟ ପରିଚାଳନା ଅଧିକାରୀ ଏ.କେ. ଭଗବତୀ ଏବଂ ଇଫକୋ ପାରାଦୀପ ୟୁନିଟ୍ର ମୁଖ୍ୟ କେ.ଜେ. ପଟେଲ ଏବଂ କୋଷ୍ଟଗାର୍ଡ ଡିଆଇଜି ୱ୍ରା. କେ. ସିଂ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ମହୋତ୍ସବର ସଫଳତା ପାଇଁ କ୍ୟାନମାସର ସଭାପତି ଅତୁଲ୍ୟ ମହାପାତ୍ର, ସଂପାଦକ ଶ୍ରୀମନ ନାରାୟଣ ମିଶ୍ର ଓ ସଂଗଠନର ସମସ୍ତ ସଦ୍ୟସଭ୍ୟା ମାନଙ୍କୁ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଥିଲେ । ତେବେ ନାଟ କଳା ଓ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରିବା ଲକ୍ଷଙ୍କର କ୍ୟାନମାସର ଭୂମିକା ଗୁରୁତ୍ୱପୂର୍ଣ୍ଣ । କ୍ୟାନମାସ ଦ୍ୱାରା ୧୯ ବର୍ଷ ଧରି ଆୟୋଜିତ ହେଉଥିବା ଏହି ଜାତୀୟ ନାଟ ମହୋତ୍ସବ ସାରା ରାଜ୍ୟ ତଥା ଦେଶରେ ବେସ ଚର୍ଚ୍ଚିତ ଓ ପ୍ରଶଂସିତ ବୋଲି ଅତିଥିମାନେ ଆୟୋଜକ ମୁଖ୍ୟ ଭାବେ ଶ୍ରୀମନ ମିଶ୍ରଙ୍କ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଉଦଯାପନୀ ସନ୍ଧ୍ୟାରେ ଉତ୍ତରପ୍ରଦେଶ ଲକ୍ଷ୍ନୌର 'ଦର୍ପଣ' ନାଟ୍ୟ ସଂସ୍ଥା ଦ୍ୱାରା ଶୁଭଦୀପ ରାହାଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ 'ଆଖିରି ବସ'' ପରିବେଷିତ ହୋଇଥିଲା ।

## ଖୋର୍ଦ୍ଧା ଜିଲ୍ଲାପରିଷଦର ଅଧ୍ୟକ୍ଷା ହେଲେ ରୂପଶ୍ରୀ ରାଣୀ ଗୁମାନସିଂହ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଜିଲ୍ଲାପରିଷଦ ଜୋନ ନଂ ୩ର ବିଜୁ ଜନତା ଦଳ ପ୍ରାର୍ଥୀନୀ ରୂପଶ୍ରୀ ରାଣୀ ଗୁମାନସିଂହ ଖୋର୍ଦ୍ଧା ଜିଲ୍ଲା ପରିଷଦର ଅଧ୍ୟକ୍ଷା ଭାବରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଖୋରଧା ଜିଲ୍ଲା ପରିଷଦର ୩୦ଗୋଟି ଜୋନ ମଧ୍ୟରୁ ୨୮ ଗୋଟି ଜୋନରେ ବିଜୁ ଜନତା ଦଳର ପ୍ରାର୍ଥୀ ଓ ପ୍ରାର୍ଥୀନୀମାନେ ବିପୁଳ ଭୋଟ ବ୍ୟବଧାନରେ ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ବିଜୟ ଲାଭ କରିଥିଲେ । ଖୋରଧା ଜିଲ୍ଲା ପରିଷଦ ଗଠନ କରିବାରେ ବିଜୁ ଜନତା ଦଳ ସମ୍ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା । ଅଧ୍ୟକ୍ଷା ପଦବୀଟି ମହିଳା ମାନଙ୍କ ନିମନ୍ତେ ସଂରକ୍ଷିତ ଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଶ୍ରୀମତୀ ଗୁମାନସିଂହ ଖୋରଧା ଜିଲ୍ଲା ପରିଷଦ ଅଧ୍ୟକ୍ଷା ପଦବୀ ନିମନ୍ତେ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ । ଆଉ କୌଣସି ପ୍ରାର୍ଥୀନୀ ନାମାଙ୍କନ ପତ୍ର ଦାଖଲ କରି ନଥିବାରୁ ନିର୍ବାଚନ ଅଧିକାରୀ ରୂପଶ୍ରୀ ରାଣୀ ଗୁମାନସିଂହଙ୍କୁ ଅଧ୍ୟକ୍ଷା ଭାବରେ ନିର୍ବାଚିତ ଘୋଷଣା କରିଥିଲେ । ଅଧ୍ୟକ୍ଷା ଭାବରେ ନିର୍ବାଚିତ ଘୋଷିତ ହେବା ପରେ ଶ୍ରୀମତୀ ଗୁମାନସିଂହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୋରଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଖୋରଧା ଜିଲ୍ଲା ବିଜୁ ଜନତା ଦଳ ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ସହିତ ଖୋରଧା ଜିଲ୍ଲାକୁ ରାଜ୍ୟରେ ୧ନଂ ଜିଲ୍ଲା ଭାବରେ ପରିଗଣିତ କରିବା ନିମନ୍ତେ ନିଜର ଉଦ୍ୟମ ଜାରି ରଖିବେ ବୋଲି କହିଥିଲେ ।

## ବିଜେଡ଼ିକୁ ମସ୍ତବଡ ଝଟକା: ବାଜି ମାରିନେଲେ ବିତାଡିତ ପ୍ରାର୍ଥୀ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ପୌର ନିର୍ବାଚନରେ ବିଜେଡି ଯେଉଁ ପ୍ରାର୍ଥୀମାନଙ୍କୁ ଦଳରୁ ନିଲମ୍ବିତ କରିଥିଲା ସେମାନଙ୍କ ମଧ୍ୟରୁ କେତେକ ବାଜି ମାରି ନେଇଛନ୍ତି । ଯାହାଫଳରେ ବିଜେଡ଼ିକୁ ଏକ ମସ୍ତ ବଡ଼ ଝଟକା ଲାଗିଛି । ବିଜୟୀ ହୋଇଥିବା ଏହି ପ୍ରାର୍ଥୀମାନେ ହେଉଛନ୍ତି ୨ ନମ୍ବର ୱାର୍ଡର ସ୍ୱାଧିନ ପ୍ରାର୍ଥୀ କାଳୀ ପ୍ରସାଦ ମିଶ୍ର, ୪ ନମ୍ବର ୱାର୍ଡର ଶୁଭଶ୍ରୀ ନିବେଦିତା ସ୍ୱାଇଁ, ୧୦ ନମ୍ବର ୱାର୍ଡର ରଶ୍ମିତା ସିଂହ ୧୩ ନମ୍ବର ୱାର୍ଡର ସେକ ଅସଲମ । ଏହି ପ୍ରାର୍ଥୀମାନେ ବିଜେଡି ଟିକଟ ପାଇବା ପାଇଁ ଆଶାବାଦୀ ଥିଲେ । କେବଳ ଆଶାବାଦୀ ନୁହେଁ ଦୀର୍ଘଦିନ ଧରି ଦଳ ପାଇଁ କାର୍ଯ୍ୟ ମଧ୍ୟ କରି ଆସୁଥିଲେ । କିନ୍ତୁ ଦଳ ସେମାନଙ୍କୁ ଟିକଟ ନ ଦେଇ ଅଯୋଗ୍ୟ ପ୍ରାର୍ଥୀଙ୍କୁ ଟିକଟ ଦେଇଥିଲା ବୋଲି ଅଭିଯୋଗ ହୋଇଥିଲା । ଏପରିକି ଅର୍ଥ କାରବାର ବଳରେ ଅଯୋଗ୍ୟମାନେ ଟିକଟ ପାଇଥିଲେ ବୋଲି ଚର୍ଚ୍ଚା ଜୋର ଧରିଥିଲା । ଫଳରେ ଦଳରୁ ବିଦା ହୋଇଥିବା ଏହି ପ୍ରାର୍ଥୀମାନେ ସ୍ୱାଧୀନ ପ୍ରାର୍ଥୀଭାବେ ନିଜର ଦମ ଦେଖାଇବେ ବୋଲି ନିଷ୍ପତ୍ତି ନେଇଥିଲେ । ସେମାନଙ୍କୁ ନାମାଙ୍କନପତ୍ର ପ୍ରତ୍ୟାହାର କରିବା ପାଇଁ ବିଜେଡି ନେତାମାନେ ବିଭିନ୍ନ ଧମକ ଚମକ ମଧ୍ୟ ଦେଇଥିଲେ । କିନ୍ତୁ ବିଜୟୀ ହୋଇଥିବା ଏହି ପ୍ରାର୍ଥୀମାନେ ଧମକକୁ ଖାତିର କରି ନ ଥିଲେ । ତେଣୁ ସେମାନେ ନାମାଙ୍କନ ପ୍ରତ୍ୟାହାର କରି ନ ଥିଲେ । ଫଳରେ ବିଜେଡ଼ି ଜିଲ୍ଲା ସଭାପତି ଉତ୍କଳ କେଶରୀ ପରିଡ଼ା ଗତ ୧୭ ତାରିଖରେ ଏକ ପ୍ରେସ ବିବୃତ୍ତି ଜରିଆରେ ଏମାନଙ୍କୁ ଦଳରୁ ବହିଷ୍କୃତ କରାଗଲା ବୋଲି ଘୋଷଣା କରିଥିଲେ । ଏମାନେ ଦଳୀୟ ପ୍ରାର୍ଥୀଙ୍କୁ ଚ୍ୟାଲେଞ୍ଜ ଦେଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବାରୁ ବିଜେଡି ନେତାମାନେ ଅସହିଷ୍ଣୁ ହୋଇ ପଡ଼ିଥିଲେ । ଏମାନଙ୍କୁ ହରାଇବା ପାଇଁ ବିଜେଡି ନେତାମାନେ କଳ, ବଳ ଓ କୌଶଳ ପ୍ରୟୋଗ କରିଥିଲେ । କିନ୍ତୁ ସେସବୁ ବାଧାବିଘ୍ନକୁ ସହ୍ୟ କରି ଏମାନେ ଲଢେଇ ଜାରି ରଖିଥିଲେ । ତେଣୁ ବିଜୟ ମୁକୁଟ ପିନ୍ଧିଲେ ବୋଲି ସେମାନେ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

# କରୋନା ସଂକ୍ରମଣ ସମୟରେ ଯୌଗିକ ବ୍ୟାୟାମର ଆବଶ୍ୟକତା

### ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗାସନ



ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରଦତ୍ତ ଉତ୍ତମ ସ୍ୱାସ୍ଥ୍ୟ ପରିଭାଷା ଅନୁଯାୟୀ 'ସ୍ୱାସ୍ଥ୍ୟ କେବଳ ରୋଗ ଓ ବିକଳାଙ୍ଗର ଅନୁପସ୍ଥିତି ନୁହେଁ ବରଂ ଏହା ସଂପୂର୍ଣ୍ଣ ଶାରୀରିକ, ମାନସିକ ଓ ସାମାଜିକ ଉନ୍ନତିର ଏକ ଅବସ୍ଥା' । ମନୁଷ୍ୟ ଶରୀର ଈଶ୍ୱରଙ୍କର ଏକ ଅମୂଲ୍ୟ ବରଦାନ । ଏହି ଶରୀରର ଉପଯୁକ୍ତ ଯତ୍ନ ନେଇ ସୁସ୍ଥ ସବଳ କରି ଗଢ଼ି ତୋଳିବା ଆମର ପ୍ରଥମ କର୍ତ୍ତବ୍ୟ । ଆମ ଗାଡ଼ିକୁ ସର୍ଭିସିଂ କଲାଭଳି ଆମ ଶାରୀରକୁ ମଧ୍ୟ ବଡ଼ି



ସର୍ଭିସିଂ କରିବା ଏକାନ୍ତ ଆବଶ୍ୟକ । ଅର୍ଥାତ୍ ଶରୀରର ଅନ୍ତଃଶୋଧନ ପ୍ରାକୃତିକ ଉପାୟରେ ହେବା ଉଚିତ । ଆଜି ଡାକ୍ତରଙ୍କ ବିନା ପରାମର୍ଶରେ ଆଧୁନିକ ଔଷଧର ବହୁଳ ବ୍ୟବହାର କରାଯାଉଛି, ଯାହାକି ବିପଦଜନକ ଆଜି ସମଗ୍ର ବିଶ୍ୱ କରୋନା ମହାମାରୀ ଦ୍ୱାରା ଭୟାତୁର ହୋଇ ଜୀବନ ହାନି ଘଟୁଛି । ଏହାର ଏକମାତ୍ର କାରଣ ହେଲା ନିର୍ଭୟରେ ଆମ ଶରୀରର ରୋଗ ନିରାକରଣ ଶକ୍ତିକୁ ବୃଦ୍ଧି କରି ଉତ୍ତମ ଜୀବନଚର୍ଯ୍ୟା ଅଭ୍ୟାସ କଲେ ସୁସ୍ଥ ଶରୀରର ଅଧିକାରୀ ହୋଇପାରିବା ଏବଂ କରୋନା ସଂକ୍ରମଣରୁ ମୁକ୍ତି ପାଇ ପାରିବା । ଦୈନନ୍ଦିନ ନିତ୍ୟକର୍ମ, ଯୌଗିକ ବ୍ୟାୟାମ, ସନ୍ତୁଳିତ ଆହାର ସକରାତ୍ମକ ଚିନ୍ତନ ଏବଂ ଉପଯୁକ୍ତ ବିଶ୍ରାମ ଆମକୁ ଜରୁରୀ ।

ସାଧାରଣ ଲୋକଙ୍କ ଧାରଣା କେବଳ ସାଧୁସନ୍ଥ, ମହାତ୍ମାମାନେ ଯୋଗ ସାଧନା କରିପାରିବେ । ଏହା ସଂପୂର୍ଣ୍ଣ ଭୁଲ । ଯେ କୌଣସି ବ୍ୟକ୍ତି ଆବାଳ ବୃଦ୍ଧବନୀତା, ନିଜ ଜୀବକୁ ସରସ ସୁନ୍ଦର କରିବା ପାଇଁ ଯୋଗ ସାଧନା କରିବା ବାଞ୍ଛନୀୟ । ପ୍ରକୃତି ଓ ତା'ର ସମସ୍ତ ତତ୍ତ୍ୱରେ ତିନି ପ୍ରକାର ଗୁଣ ଥାଏ । ସାତ୍ତ୍ୱିକ-ରାଜସିକ-ତାମସିକ । ତମୋଗୁଣ - ନିଦ୍ରା, ମୋହ, ଭୟ, ଆଳସ୍ୟ, ଦୀନଭାବ, ଭ୍ରମ ଇତ୍ୟାଦି ଉତ୍ପନ୍ନ କରେ । ରଜୋଗୁଣ - ଚାଞ୍ଚଲ୍ୟ, ଚିନ୍ତା, ସାଂସାରିକ କର୍ମର ପ୍ରବୃତ୍ତି ଉତ୍ପନ୍ନ ଏବଂ ସତ୍ତ୍ୱଗୁଣ - କ୍ଷମା, ଦୟା, ଦାନ, ଧର୍ମ, ଶ୍ରଦ୍ଧା, ଧୈର୍ଯ୍ୟ, ବୀର୍ଯ୍ୟ, ଉତ୍ସାହ ଇତ୍ୟାଦି ଉତ୍ପନ୍ନ କରେ । ଏହି ଯୋଗୀକ ବ୍ୟାୟାମ ସାଧନା ଦ୍ୱାରା ମନୁଷ୍ୟ ତମ ଓ ରଜ ସ୍ଥିତିରୁ ସତ୍ତ୍ୱ ସାଧନ ସ୍ଥିତି ଆଡ଼କୁ ଅଗ୍ରସର ହୋଇ ସୁଖଶାନ୍ତିର ଅଧିକାରୀ ହୋଇଥାଏ । ଯୋଗ ଏକ ଅନୁଶାସନ ବଦ୍ଧ ଅଭ୍ୟାସ । ଶ୍ୱାସକ୍ରିୟାକୁ ନିୟନ୍ତ୍ରଣ କରି ଅଫୁରନ୍ତ ଶକ୍ତି ଆହରଣ କରିବାର ଏକ ଶୃଙ୍ଖଳିତ ପଦ୍ଧତି । ଏହା ସାଧାରଣ ବ୍ୟାୟାମ ଠାରୁ ସଂପୂର୍ଣ୍ଣ ଭିନ୍ନ । କୁହାଯାଏ 'ସ୍ଥିରଂ ସୁଖଂ ଆସନମ୍' - ଆସନ ଦ୍ୱାରା ଶରୀରକୁ ସୁଖ ମିଳେ ଏବଂ ମନରେ ସ୍ଥିରତା ଆସେ । ଦୈନିକ କାର୍ଯ୍ୟକୁ ଶୃଙ୍ଖଳିତ କରିବା ସହ, ନିତ୍ୟକର୍ମ, ବିଶ୍ରାମ, ସନ୍ତୁଳିତ ଆହାର ସମୟ ନିର୍ଦ୍ଧାରଣ କରିବା ଉଚିତ । ଏହା କେବଳ ଗୋଟିଏ ଦିନ ବା ମାସର ଅଭ୍ୟାସ ନୁହେଁ ବରଂ ଜୀବନ ସାରା ଏହି ସୁଅଭ୍ୟାସର ଆବଶ୍ୟକତା ରହିଛି । ତାହେଲେ ଆମେ ଗୋଟିଏ ସୁସ୍ଥ ଶରୀର ଏବଂ ସୁସ୍ଥ ମନର ଅଧିକାରୀ ହୋଇପାରିବା । ଅନେକ ଦିଗ ମଧ୍ୟରୁ ଶାରୀରିକ ଦିଗର ବିକାଶ ପାଇଁ ମିତହାର, ଷଟକର୍ମ, ଆସନ, ପ୍ରାଣାୟମ, ସମୂହ ସାଧନା, ପ୍ରାର୍ଥନା ଓ ବ୍ରହ୍ମଚର୍ଯ୍ୟ ପାଳନ ଅପରିହାର୍ଯ୍ୟ । ଆସନ ମଧ୍ୟରେ ପ୍ରତ୍ୟହ ପଦ୍ମାସନ, ପବନ ମୁକ୍ତାସନ, ବଜ୍ରାସନ, ହଳାସନ, ଚକ୍ରାସନ, ଭୁଜଙ୍ଗାସନ, ସୂର୍ଯ୍ୟ ନମସ୍କାର, ଶୀର୍ଷାସନ, ତପସନ, କଟଚକ୍ରାସନ, ତ୍ରିକୋଣାସନ, ଶବାସନ ଇତ୍ୟାଦି ଅଭ୍ୟାସ କଲେ ଶରୀର ସୁସ୍ଥ, ସୁନ୍ଦର, ନମନୀୟ ଓ ଜୀବନୀ ଶକ୍ତିରେ ପରିପୂର୍ଣ୍ଣ ହୋଇଥାଏ । ମାନସିକ ସ୍ୱାସ୍ଥ୍ୟ ପାଇଁ ଯମ, ନିୟମ ବ୍ରହ୍ମଚର୍ଯ୍ୟର ପାଳନ ସଙ୍ଗେ ସଙ୍ଗେ ଭସ୍ତ୍ରୀକ, ଭ୍ରାମରୀ, ନାଡ଼ି ଶୋଧନ, କପାଳଭାତି ପ୍ରାଣାୟମର ଅଭ୍ୟାସ ସୁଫଳ ଦେଇଥାଏ । ଏହା ବ୍ୟତୀତ ଧ୍ୟାନ, ଗଭୀର, ଶ୍ୱାସପ୍ରଶ୍ୱାସ, ରେଚକ, କୁମ୍ଭକ ଓ ପୁରକ ଅଭ୍ୟାସ ଅତିବ ହିତକାରୀ । ସର୍ବୋପରି ଯୋଗନିଦ୍ରା ସବୁଠାରୁ ଶାନ୍ତି ପ୍ରଦାନକାରୀ ଯୌଗିକ କ୍ରିୟା । ଏଗୁଡ଼ିକର ନିରନ୍ତର ଅଭ୍ୟାସ ଦ୍ୱାରା ମନର ଚାଞ୍ଚଲ୍ୟ ଦ୍ଜୁର ହୁଏ, ମନ ଏକାଗ୍ର ହୁଏ ଓ ଚିତ୍ତ ସ୍ଥିର ହୁଏ ତଥା ବିଚାର ଧାରା ପବିତ୍ର ହୁଏ । ଫଳରେ ବୁଦ୍ଧି ବିଚାର ଦ୍ୱାରା ଆମ ଜୀବନର ସମସ୍ତ ସମସ୍ୟା ସମାଧାନର ଶକ୍ତି ଜାଗ୍ରତ ହୁଏ । ସେହିପରି ସାମାଜିକ ଓ ପାରିବାରିକ ଜୀବନ ଅସ୍ତବ୍ୟସ୍ତ ହୋଇ ପଡୁ ଥିବାବେଳେ ଅଶାନ୍ତି ଓ ଦୁଃଖ ବଢ଼ିଥାଏ । ଅଷ୍ଟାଙ୍ଗ ଯେରାଗ ସାଧନାର ନାମ ଅର୍ଥାତ ଅହିଂସା, ସତ୍ୟ, ଅଜେୟ, ବ୍ରହ୍ମଚର୍ଯ୍ୟ ଓ ଅପରଗ୍ରହ ଓ ନିୟମ ପାଳନ ଦ୍ୱାରା ଅନେକ ସାମାଜିକ ଓ ନୈତିକ ସମସ୍ୟା ଗୁଡ଼ିକ ସମାଧାନ ହୋଇଥାଏ । ସତସଙ୍ଗ, ସ୍ୱାଧ୍ୟାୟ ଓ ଈଶ୍ୱର ପ୍ରଣିଧାନ ଦ୍ୱାରା ଜୀବନକୁ ସତସଙ୍ଗୀ କରିବାରେ ଅଗ୍ରସର ହୁଏ । ଶେଷରେ ମନୁଷ୍ୟ ଜୀବନ ପରମାତ୍ମାଙ୍କ ସହିତ ଏକକାର ହୋଇଯାଏ । ବର୍ତ୍ତମାନ କରୋନା ମହାମାରୀ ସମୟରେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିପାରିଲେ ଏ ସଂକ୍ରମଣରୁ ମୁକ୍ତି ମିଳିପାରିବ । ଏହା ବ୍ୟତୀତ ଜୀବନକୁ ଆନନ୍ଦମୟ କରିବା ପାଇଁ ଯୋଗ ସାଧନ ଏକ ସହଜ, ସୁଲଭ ଏବଂ ସର୍ବଶ୍ରେଷ୍ଠ ମାର୍ଗ । ତେଣୁ ପ୍ରତ୍ୟହ ଯୋଗ ସାଧନା କରନ୍ତୁ - ରୋଗରୁ ମୁକ୍ତି ପାଆନ୍ତୁ ।

**ବିଜୟ କୁମାର ପୃଷ୍ଟି**
*ସଂପାଦକ, 'ନିରାମୟ', ସିଡ଼ିଏ, କଟକ, ଦୂରଭାଷ: ୯୮୬୧୪୬୪୯୩୨*

## ବହିର ସଂରକ୍ଷଣ ସହ ପଠନ ଲୋଡ଼ା

ଖୋର୍ଦ୍ଧା (ପିଏନ୍): ଦିନକୁ ଦିନ ବହିର ଆଦର କମିଯାଉଥିବାବେଳେ ଲୋକମାନଙ୍କୁ ବହିମନସ୍କ କରିବା ପାଇଁ ଆରଂଭ ହୋଇଛି ମନୋରଞ୍ଜନ ମିଶନ ପାଠାଗାର । ବଣିଆଟାଙ୍ଗୀ ରୋହିଣୀ ଭିଲ୍ଲାରେ ବରିଷ୍ଠ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ଦାସଙ୍କ ଉଦ୍ୟମରେ ସ୍ଥାପିତ ଏହି ପାଠାଗାରକୁ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ଅଂଚଳର ପାଠକମାନଙ୍କ ପଠନ ପିପାସା ପାଇଁ ଏହି ପାଠାଗାର ସହାୟକ ହେବ ବୋଲି ସେ ମତ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଗାଳ୍ପିକ ସୁନୀଲ ବୋଷ, ଡା. ରାସବିହାରୀ ପତି, ଓଡ଼ିଆ ଜାତୀୟ ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ଦାଶ, ସାଧାରଣ ସଂପାଦକ ନିରାକାର ବେଉରା, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସନ୍ତୋଷ କୁମାର ଜେନା, ପ୍ରଭାତନଳିନୀ ପତି ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟର ସମୃଦ୍ଧି ପାଇଁ ବହିର ସଂରକ୍ଷଣ ସହ ପଠନ ଆବଶ୍ୟକ ବୋଲି ମତ ଦେଇଥିଲେ । ବିଶ୍ୱାତ୍ମା ପ୍ରକାଶନୀ ପକ୍ଷରୁ ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ ପାଠାଗାରକୁ କିଛି ପୁସ୍ତକ ଦାନ କରି ଇଂରାଜୀମାଧ୍ୟମ ପିଲାମାନଙ୍କୁ ବହିମନସ୍କ କରିବା ପାଇଁ ଉଦ୍ୟମ ହେଉ ବୋଲି ମତ ଦେଇଥିଲେ । ମନୋରଞ୍ଜନ ମିଶନ ଟ୍ରଷ୍ଟ ପକ୍ଷରୁ ଏହି ପାଠାଗାର ପରିଚାଳିତ ହେଉଥିବାବେଳେ ସଂପ୍ରତି ଏଠାରେ ୫ହଜାରରୁ ଉର୍ଦ୍ଧ୍ୱ ବହି ଥିବାବେଳେ ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରାଯିବ ବୋଲି ପ୍ରତିଷ୍ଠାତା ମନୋରଞ୍ଜ ଦାସ ମତ ଦେଇଥିଲେ । ଆଜ୍ଞନା ମହାନ୍ତି ଓ ଇନ୍ଦିରା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କେନ୍ଦ୍ରାପଡ଼ା: ବିଜେଡ଼ି ନଗରପାଳ ପ୍ରାର୍ଥୀ ସରିତା ସାହୁ ପିନ୍ଧିଲେ ବିଜୟ ମୁକୁଟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ପୌର ନିର୍ବାଚନରେ ବିଜୁ ଜନତା ଦଳର ନଗରପାଳ ପ୍ରାର୍ଥୀ ସରିତା ସାହୁ ଶନିବାର ବିଜୟ ମୁକୁଟ ପିନ୍ଧି ନଗରପାଳ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଶ୍ରୀମତୀ ସାହୁ ୧୩, ୭୫୮ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି । ଶ୍ରୀମତୀ ସାହୁ ୧୮ହଜାର ୨୫୨ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ମୀନାକ୍ଷୀ ଦାଶ ମାତ୍ର ୪ ହଜାର ୪୯୪ ଖଣ୍ଡ ଭୋଟ ଓ କଂଗ୍ରେସ ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ବାରିକ ମାତ୍ର ୩ ହଜାର ୭୮୦ ଖଣ୍ଡ ଭୋଟ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଛନ୍ତି । ସରିତା ହେଉଛନ୍ତି ବିଜେଡି ରାଜ୍ୟ ସମ୍ପାଦକ ତଥା ପୂର୍ବତନ କାଉନସିଲର ରଞ୍ଜିତ କୁମାର ସାହୁ(ଧନୀ)ଙ୍କ ପତ୍ନୀ । ଉଚ୍ଚ ଶିକ୍ଷିତା ସରିତା ରାଜନୀତିରେ ନୂଆ ହୋଇ ମଧ୍ୟ ନିଜର ଶାନ୍ତ ସ୍ୱଭାବ, ସ୍ୱାମୀଙ୍କ ସମାଜସେବାମୂଳକ କାର୍ଯ୍ୟ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାରେ ବିଜୟ ମୁକୁଟ ପିନ୍ଧିଥିବା କହିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ରଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
PARYABEKHYAK
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ମାର୍ଚ୍ଚ ୨୯

# ଜୀବନ ଜୀବିକାର ପଥେ ପଥପ୍ରାନ୍ତ ନାଟକ



ଅନ୍ତର୍ଜାତୀୟ ରଙ୍ଗମଞ୍ଚ ସଂସ୍ଥା ଆନୁକୂଲ୍ୟରେ ୧୯୬୧ରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ପାଳନ କରାଯାଉଛି ବିଶ୍ୱ ନାଟ୍ୟ ଦିବସ। ପ୍ରଥମ ନାଟ୍ୟ ଦିବସ ହେଲସିଙ୍କିରେ ଏବଂ ପରବର୍ତ୍ତୀ ଦିବସ ଭିଏନାରେ ଅନୁଷ୍ଠିତ ହେବା ପରେ ଏହି ଦିବସ ପାଳନର ଲୋକପ୍ରିୟତା ବଢ଼ିଥିଲା। ସଂପ୍ରତି ବିଶ୍ୱର ବିଭିନ୍ନ ଅଞ୍ଚଳରେ ଥିବା ଅନ୍ତର୍ଜାତୀୟ ରଙ୍ଗମଙ୍ଗ ସଂସ୍ଥାର ଶାଖା କେନ୍ଦ୍ରଗୁଡ଼ିକରେ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ସ୍ୱାଭାବିକ ଭାବେ ଅନ୍ତର୍ଜାତୀୟ ସାଂସ୍କୃତିକ ଶାନ୍ତି ସଂହତି ପାଇଁ ମଞ୍ଚ ନାଟକ ପରିବେଷିତ ହେଉଛି। ରଙ୍ଗମଞ୍ଚ ବା ମଞ୍ଚନାଟକର ଇତିହାସ ୨୫୦୦ ବର୍ଷ ପ୍ରାଚୀନ। ପାଶ୍ଚାତ୍ୟ ମଞ୍ଚନାଟକର ସୃଷ୍ଟି ଗ୍ରୀସରେ ହୋଇଥିଲା। ରୋମାନ୍‌ମାନେ ପ୍ରାଚୀନ ମଞ୍ଚନାଟକକୁ ନବ ରୂପ ଦେଇଥିଲେ। ଆଜିର ବ୍ୟସ୍ତବହୁଳ ଧାଁ ଧଉଡ ଜୀବନ ଭିତରେ ସମସ୍ତଙ୍କୁ ନାଟକ ଦେଖିବା ପାଇଁ ସମୟ ମିଳିନଥାଏ ବୋଲି କେହି କେହି କୁହନ୍ତି। ଆଉ ବର୍ତ୍ତମାନର କରୋନା ସମୟକୁ ଦେଖିବା ପରେ ପରିସ୍ଥିତି ଆଉ ସଙ୍ଗୀନ। ତେବେ କରୋନାର ଯଥେଷ୍ଟ ପୂର୍ବରୁ ଓଡ଼ିଶା ସରକାରଙ୍କ ସହଯୋଗରେ ଭୁବନେଶ୍ୱର ଓ ବିଭିନ୍ନ ସହରରେ ଏହି ନାଟକ ଅନୁଷ୍ଠିତ ହୋଇଆସୁଛି। ସବୁଠାରୁ ବଡ଼କଥା ହେଉଛି ସରକାରଙ୍କ ଅନେକ ଉନ୍ନତିମୂଳକ ଯୋଜନା ଓ ଏ ରାଜ୍ୟ, ସମାଜର ପରମ୍ପରା ଓ ସଂସ୍କୃତି ମଧ୍ୟ ଲୋକଲୋଚନକୁ ଆସିଥାଏ। ମନୋରଞ୍ଜନ ମାଧ୍ୟମରେ ଲୋକମାନଙ୍କୁ ବିଭିନ୍ନ ପ୍ରସଙ୍ଗରେ ସୂଚୀତ କରିବା ହେଉଛି ଏହାର ଅସଲ ଉଦ୍ଦେଶ୍ୟ। ନିରାପଦରେ କିପରି ଗାଡ଼ି ଚଳାଇବେ, ହେଲମେଟ ପିନ୍ଧିବେ, ନିଶା ଠାରୁ ଦୂରେଇ ରହିବେ, ବୃକ୍ଷରୋପଣ କରିବେ, ନିଜେ ସ୍ୱାସ୍ଥ୍ୟ ସଚେତନ ହୋଇ କରୋନା ବିରୁଦ୍ଧରେ ଲଢ଼େଇ କରିବେ ଓ ମହିଳା ସଶକ୍ତୀ କରଣ ଠାରୁ ଅନେକ ଅନେକ ପ୍ରସଙ୍ଗକୁ ନେଇ ଏହି ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଆସୁଛି। ପଥପ୍ରାନ୍ତ ନାଟକ କହେ ସମାଜ ପରିବର୍ତ୍ତନର କଥା। ନା ଥାଏ କୌଣସି ରିହରସାଲ ନା ବେଶଭୂଷା, ଆଲୋକ ଏବଂ ସାଜସଜ୍ଜା। ବିନା ଆଡ଼ମ୍ବରରେ ହେଉଥିବା ଏହି ନାଟକ ଲୋକଙ୍କୁ ସଚେତନ ବାର୍ତ୍ତା ଦେବାର ଏକମାତ୍ର ମାଧ୍ୟମ ଥିଲା। ସାମାଜିକ ବାର୍ତ୍ତା



ହେଉ ଅବା ସଚେତନତା ବାର୍ତ୍ତା ଏବଂ ସରକାରୀ ତଥା ବେସରକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ଗ୍ରାମାଞ୍ଚଳ ତଥା ସହରାଞ୍ଚଳ ଲୋକଙ୍କୁ ପଥପ୍ରାନ୍ତ ନାଟକ ଦ୍ୱାରା ସଚେତନ କରାଯାଇଥାଏ। ସାମ୍ପ୍ରତିକ ଜୀବନରେ ପଥପ୍ରାନ୍ତ ନାଟକରେ ଏବେ ବି ଜୀବିକା ନିର୍ବାହ କରିବାର ଆବୃତ୍ତି ରହିଛି। ପଥପ୍ରାନ୍ତ ନାଟକ ଏବେ ଯୁବପିଢ଼ିଙ୍କ ମଧ୍ୟରେ କ୍ରେଜ୍ ସୃଷ୍ଟି କରିଛି। ପୂର୍ବରୁ ଗ୍ରାମାଞ୍ଚଳରେ ସାମାଜିକ କଥାବସ୍ତୁକୁ ନେଇ ପଥପ୍ରାନ୍ତ ନାଟକ କରାଯାଉଥିଲା। ଏବେ କିନ୍ତୁ ପଥପ୍ରାନ୍ତ ନାଟକର ଧାରା ଗ୍ରାମାଞ୍ଚଳରୁ ସହର ପର୍ଯ୍ୟନ୍ତ ବଢ଼ିବାରେ ଲାଗିଛି। ବିଶେଷକରି କଲେଜ ପଢୁଆ ଛାତ୍ରଛାତ୍ରୀମାନେ ଏବେ ଏଥିରେ ଜଡ଼ିତ ହେଉଛନ୍ତି। ଏହି ନାଟକକୁ ନୂଆରୂପ ଦିଆଯାଇ 'ନୁକ୍କଡ' ବୋଲି କୁହାଯାଉଛି।

ଭୁବନେଶ୍ୱରର ବିଭିନ୍ନ କଲେଜ, ବିଶ୍ୱବିଦ୍ୟାଳୟ ଓ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଏବେ ଏଥିପ୍ରତି ସଚେତନ ଅଛନ୍ତି। ବିଭିନ୍ନ ବିଷୟବସ୍ତୁ ଯଥା ମହିଳା ସଶକ୍ତୀକରଣ, ମହିଳା ସୁରକ୍ଷା, ଏଡ୍‌ସ ସଚେତନତା ବାର୍ତ୍ତା ଦେବା ପାଇଁ ବର୍ତ୍ତମାନ ସମୟରେ ଯୁବପିଢ଼ି ଆଗେଇ ଆସିଛନ୍ତି। ବର୍ତ୍ତମାନ ରାଜ୍ୟରେ ୧୦ ହଜାର ପଥପ୍ରାନ୍ତ ନାଟ୍ୟ କଳାକାର ରହିଥିବାବେଳେ ଭୁବନେଶ୍ୱରରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ନାଟକ ସଂସ୍ଥା ଏବେ ପଥପ୍ରାନ୍ତ ନାଟକରେ ସାମିଲ ହୋଇଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ ୭-୮ଟି ଗ୍ରୁପ୍ ସକ୍ରିୟ ରହିଛି। ବିଭିନ୍ନ ଗଳିକନ୍ଦି, ଜନଗହଳିପୂର୍ଣ୍ଣ ସ୍ଥାନ ଯଥା ସପିଂ ମଲ, ଛକବଜାରରେ ପିଲାମାନେ ଏକାଠି ହୋଇ ପଥପ୍ରାନ୍ତ ନାଟକ ମାଧ୍ୟମରେ ବାର୍ତ୍ତା ଦେବା ପାଇଁ ଆଗେଇ ଆସୁଛନ୍ତି। କହିବାକୁ ଗଲେ ନୁକ୍କଡ ଏବେ ସହରାଞ୍ଚଳରେ ସଚେତନତାର ମାଧ୍ୟମ ପାଲଟିବା ସହ ଜୀବନ ଜୀବିକାର ମାଧ୍ୟମ ପାଲଟିଛି। କେବଳ ଭୁବନେଶ୍ୱର ନୁହେଁ ଓଡ଼ିଶାର ହଜାର ବର୍ଷର ସହର କୁହାଯାଉଥିବା କଟକ ଓ ଅନ୍ୟ ବଡ଼ ବଡ଼ ସହରରେ ମଧ୍ୟ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଆସୁଛି। ଇତିହାସ କହେ, ପଥପ୍ରାନ୍ତ ନାଟକ ପ୍ରତିବାଦ ସ୍ୱରକୁ ବୁଝାଉଥିଲା। ଯେଉଁ ସମୟରେ ବିଶ୍ୱରେ ଯୀଶୁଖ୍ରୀଷ୍ଟଙ୍କ ବାଣୀକୁ ପ୍ରଚାର କରିବା ପାଇଁ 'ଯଶ୍ ଥିଏଟର' ଥିଲା ସେତେବେଳେ ଲୋକମାନେ ଚାଲି ଚାଲି ଯାଇ ବିଭିନ୍ନ ଛକ ଜାଗା, ପାନ୍ଥଶାଳା ଏବଂ ଗାଁରେ ବୁଲି ବୁଲି ଠେଲାଗାଡ଼ିରେ ପ୍ରଚାର କରୁଥିଲେ। କାଳକ୍ରମେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ପଥପ୍ରାନ୍ତ ନାଟକ ଆନ୍ଦୋଳନାତ୍ମକ ଭୂମିକା ନେଇଥିଲା। ଦିଲ୍ଲୀରେ 'ଜନନାଟ୍ୟ' ସଂସ୍ଥା ପକ୍ଷରୁ ସଫଦର ହାସମୀ ସରକାରଙ୍କ ବିରୁଦ୍ଧରେ ନାଟକ କରିଥିବାର କିଛି ରାଜନୈତିକ ନେତା ଏବଂ ଠିକାଦାର ତାଙ୍କୁ ନାଟକ ସ୍ଥାନରେ ଗୁଳିକରି ହତ୍ୟା କରିଥିଲେ। ତାଙ୍କ ଉଦ୍ଦେଶ୍ୟରେ ଏପ୍ରିଲ ବାର ତାରିଖକୁ 'ଜାତୀୟ ପଥପ୍ରାନ୍ତ ନାଟକ ଦିବସ' ଭାବେ ପାଳନ କରାଯାଏ। କଳାକାରଟି ବଞ୍ଚିବା ପାଇଁ ଖୋଜିଥାଏ ପ୍ରଶସ୍ତ ସ୍ଥାନ ଓ ଜନଗଣଙ୍କ ତାଳି। ଏହା ହିଁ ହେଉଛି ତାର ସବୁଠାରୁ ବଡ଼ ଉପଲବ୍ଧି। ଆଜିକାଲି ଅନେକ ସ୍ୱେଚ୍ଛାସେବୀ ସଙ୍ଗଠନ, ଆଧ୍ୟାତ୍ମିକ ସଙ୍ଗଠନ ଓ ସ୍ୱାସ୍ଥ୍ୟଭିତ୍ତିକ ସଙ୍ଗଠନମାନେ ପଥପ୍ରାନ୍ତ ନାଟକ ଅନୁଷ୍ଠିତ କରୁଛନ୍ତି। ଭାରତ ଭିତରେ ଓ ଭାରତ ବାହାରେ ଅନେକ ଦେଶରେ ପଥପ୍ରାନ୍ତ ନାଟକର ବହୁତ ଆଗ୍ରହ ରହିଛି ଓ ଏହାପାଇଁ ଅନେକ ବଡ଼ ବଡ଼ ସଂସ୍ଥାନ ପୃଷ୍ଠପୋଷକତା ମଧ୍ୟ କରିଥାନ୍ତି। ସେହିପରି ଆଉ ଗୋଟିଏ କଥା ବଣ ମଲ୍ଲୀ ପରି ଅନେକ ଆମର ପ୍ରତିଭାବାନ କଳାକାର ସେମାନଙ୍କ ସୃଜନକଳାକୁ ଲୋକଲୋଚନକୁ ଆଣିବା ପାଇଁ ପଥପ୍ରାନ୍ତ ନାଟକର ଅବଦାନ ଅନେକ ରହିଛି। ଏ କ୍ଷେତ୍ରରେ ନାଟୁଆ ଚରିତ୍ର ମାନଙ୍କୁ ସମସ୍ତଙ୍କ ଭଲ ପାଇବା ଦରକାର, କରତାଳି ଦରକାର ଆଉ ସରକାରଙ୍କ ପ୍ରୋତ୍ସାହନ ବି ଜରୁରୀ।

**ନାଟ୍ୟସାରଥି ଅଭୟ କୁମାର ଦାସ**
*ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭*

## ଆଜିର ଅନୁଚିନ୍ତା

**ଗଛ ଲଗାଇ ଚାଲ, ଫଳ ଖାଇବାର ଲାଳସା ରଖନାହିଁ।**
**କର୍ମ କରି ଚାଲ, ଫଳ ପାଇବାର ଲାଳସାକୁ ତ୍ୟାଗ କର।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଭାରତୀୟ ଜ୍ଞାନ, ବିଜ୍ଞାନ ଓ ବୈଜ୍ଞାନିକ

ଉମାଶଙ୍କର ପ୍ରସାଦ



ଭାରତୀୟ ବିଜ୍ଞାନ ହେଉଛି ବିଶ୍ୱରେ ଅନୁପମ। ୟୁରୋପରେ ନବଜାଗରଣରେ ଆଧୁନିକ ବିଜ୍ଞାନର ଅଭ୍ୟୁଦୟ ହେଲା। କିନ୍ତୁ ସେମାନେ ଆବିଷ୍କାର କରିଥିବା ଅନେକ ତତ୍ୱ ବହୁପୂର୍ବରୁ ଏହି ପୁଣ୍ୟ ମାଟି ଭାରତରେ ଆବିଷ୍କୃତ ହୋଇଥିଲା। ମାତ୍ର ଦୁଃଖର ବିଷୟ ବିଜ୍ଞାନ ଐତିହାସିକମାନେ ଭାରତୀୟ ବୈଜ୍ଞାନିକମାନଙ୍କର ଆବିଷ୍କାରକୁ ଜାଣି ନ ପାରି ବିଭିନ୍ନ ତତ୍ୱର ଆବିଷ୍କାର ଗୌରବ ୟୁରୋପୀୟ ବୈଜ୍ଞାନିକମାନଙ୍କୁ ଦେଇଛନ୍ତି। ଏପରିକି ଆମ ଦେଶର ଅନେକ ବିଜ୍ଞ ବ୍ୟକ୍ତି ମଧ୍ୟ ପ୍ରାଚୀନ ଭାରତୀୟ ଜ୍ଞାନବିଜ୍ଞାନ ସମ୍ପର୍କରେ ଅଜ୍ଞ ଥାଇ ୟୁରୋପୀୟ ବିଜ୍ଞାନର ପ୍ରଶଂସା କରିଥା'ନ୍ତି। ଆଜିକାଲି ପିଲାମାନେ ଆର୍କମେଡିସ, ଗାଲିଲିଓ, ନିଉଟନ୍ ଆଦିଙ୍କ ଜୀବନୀ ଓ ଉଦ୍ଭାବନ ସହିତ ଭଲଭାବେ ପରିଚିତ ଥିବାବେଳେ, ଆମ ଦେଶର ପୁରାତନ ବୈଜ୍ଞାନିକ, ବୌଧାୟନ, ଚରକ-ସୁଶ୍ରୁତ-ବାଗ୍‌ଭଟ୍ଟ ଓ କଣାଦଙ୍କ ନାମ ଅନେକ ଶୁଣି ନ ଥିବେ। ଚରକ-ସୁଶ୍ରୁତ-ବାଗ୍‌ଭଟ୍ଟ ପ୍ରାଚୀନ ଆୟୁର୍ବେଦ ଜଗତର ତ୍ରିବେଣୀ ତୀର୍ଥ। ଏହି ତିନିଜଣ ଆୟୁର୍ବେଦ ଆଚାର୍ଯ୍ୟଙ୍କ ଯୋଗୁଁ ଆଜି ସମଗ୍ର ଭାରତବର୍ଷ ବିଶ୍ୱବନ୍ଦ୍ୟ। ପ୍ରାଚୀନ ଭାରତ ଜ୍ୟୋତିର୍ବିଦ୍ୟା, ଚିକିତ୍ସାଶାସ୍ତ୍ର, ଭୌତିକ ବିଜ୍ଞାନ ଓ ଗଣିତରେ ପରାକାଷ୍ଠା ଅର୍ଜନ କରିଥିଲା ଏବଂ ଏହିସବୁ ବିଷୟରେ ଅନେକ ତତ୍ୱ ଏଠାରେ ଆବିଷ୍କୃତ ହୋଇଥିଲା। ଭାରତରେ ବିଜ୍ଞାନର ଆଦ୍ୟ ପ୍ରୟୋଗ ସିନ୍ଧୁ ସଭ୍ୟତାରୁ ଜଣାପଡେ। ଆଜକୁ ପ୍ରାୟ ୪୦୦୦ ବର୍ଷ ତଳେ ମହେଞ୍ଜୋଦାରୋ ଓ ହରପ୍ପାଠାରେ ପ୍ରତିଷ୍ଠିତ ହୋଇଥିବା ସହରର ନିର୍ମାଣ ଶୈଳୀ ଦେଖିଲେ ସେମାନେ ଯେ ବିଜ୍ଞାନୋନ୍ନତ ଥିଲେ ତାହା ପ୍ରମାଣ ମିଳେ। ଆର୍ଯ୍ୟମାନଙ୍କ ଦ୍ୱାରା ସେତେବେଳେ ଉତର ଭାରତରେ ଏକ ଉନ୍ନତ ସଭ୍ୟତା ସ୍ଥାପନ କରିଥିଲେ ଏବଂ ସେମାନଙ୍କ ଦ୍ୱାରା ପ୍ରଣିତ ବେଦ ହେଉଛି, ସେତେବେଳର ସାମାଜିକ, ସାଂସ୍କୃତିକ, ଆର୍ଥନୀତିକ ଓ ଧର୍ମବିଶ୍ୱାସର ଏକ ପ୍ରତିଛବି। ବେଦରେ ଅନେକ ବୈଜ୍ଞାନିକ ତଥ୍ୟର ପ୍ରମାଣ କରାଯାଇଛି। ଏଥିସହିତ ରୋଗ, ତା'ର ନିରାକରଣ ପ୍ରଣାଳୀ ଓ ଜ୍ୟୋତିର୍ବିଜ୍ଞାନ ଚର୍ଚ୍ଚା କରାଯାଇଛି। ପଂଚଦଶ ଶତାବ୍ଦୀରେ ପୋଲାଣ୍ଡର ଜ୍ୟୋତିର୍ବିଦ୍ କୋପରନିକସ୍ ସୌରକୈନ୍ଦ୍ରିକ ମତ ଉପସ୍ଥାପନ କଲେ। ତାଙ୍କ ମତ ଅନୁସାରେ ସୂର୍ଯ୍ୟସ୍ଥିର ଏବଂ ପୃଥବୀ ସମେତ ସମସ୍ତ ଗ୍ରହ ତା' ଚରିପଟେ ପରିକ୍ରମା କରୁଛନ୍ତି। ଏହାପୂର୍ବରୁ ବିଶ୍ୱାସ କରାଯାଉଥିଲା ଯେ ବିଶ୍ୱର କେନ୍ଦ୍ର ହେଉଛି ପୃଥିବୀ। ଏହାକୁ କେନ୍ଦ୍ରକରି ଚନ୍ଦ୍ର, ସୂର୍ଯ୍ୟ, ଗ୍ରହଗୁଡିକ ପରିଭ୍ରମଣ କରୁଛନ୍ତି। ଭୂକୈନ୍ଦ୍ରିକ ମତରେ ପୃଥିବୀକୁ ଗୋଟିଏ ଗ୍ରହ ମନେକରାଯାଉ ନ ଥିଲା। କୋପରନିକସ୍ ଜ୍ୟୋତିର୍ବିଜ୍ଞାନର ବିକାଶରେ ଯଥେଷ୍ଟ ସାହାଯ୍ୟ କଲା। ଆଜି ମଧ୍ୟ ଅନେକ ଶିକ୍ଷକ ଜାଣି ନ ଥିବେ ଭାରତରେ ପଂଚମ ଶତାବ୍ଦୀରେ ବିଶିଷ୍ଟ ଗଣିତଜ୍ଞ ତଥା ଜ୍ୟୋତିର୍ବିଦ୍ ଆର୍ଯ୍ୟଭଟ୍ଟ ତାଙ୍କର କାଳଜୟୀ ପୁସ୍ତକ "ଆର୍ଯ୍ୟଭଟ୍ଟୀୟ"ରେ ଲେଖିଯାଇଛନ୍ତି ଯେ, ପୃଥିବୀ ସ୍ଥିର ନୁହେଁ ଏବଂ ଏହା ନିଜ ଅକ୍ଷ ଉପରେ ଘୂରୁଛି। ତାଙ୍କ ମତରେ ପୃଥିବୀର ଆବର୍ତନ ଯୋଗୁଁ ଦିନରାତି ସମ୍ଭବ ହେଉଛି। "ଆର୍ଯ୍ୟଭଟ୍ଟୀୟ" ପୁସ୍ତକର "ଗୋଳପାଦ" ଅଧ୍ୟାୟର ନବମ ଶ୍ଳୋକରେ କହିଛନ୍ତି:- "ଅନୁଲୋମଗତିର୍ନୌସ୍ଥଃ ପଶ୍ୟତ୍ୟଚଳଂ ବିଲୋମଗଂ ଯଦ୍‌ବତ୍। ଅଚଳାନି ଭାନି ତଦ୍‌ବତ୍ ସମପଶ୍ଚିମଗାମି ଲଙ୍କାୟାଂ।"

ଅର୍ଥାତ ଜଣେ ବ୍ୟକ୍ତି ଡଙ୍ଗାରେ ବସି ଆଗକୁ ଯାଉଥିବାବେଳେ ତାଙ୍କୁ ସ୍ଥିର ବସ୍ତୁଗୁଡିକ ପଛକୁ ଗତି କରୁଥିବାର ଦେଖାଯାଉଥିବା ଭଳି ଲଙ୍କାରେ (ବିଷୁବ ରେଖାରେ ଅବସ୍ଥିତ) ସ୍ଥିର ନକ୍ଷତ୍ରଗୁଡ଼ିକ ପଶ୍ଚିମକୁ ଗତି କରୁଥିବା ଭଳି ଜଣାପଡେ। ଆର୍ଯ୍ୟଭଟ୍ଟ ଲେଖିଛନ୍ତି ଯେ ପୃଥିବୀ ନିଜର ଅକ୍ଷରେ ପଶ୍ଚିମରୁ ପୂର୍ବକୁ ଘୁରୁଥିବାରୁ ନକ୍ଷତ୍ରଗୁଡିକ ପୃଥିବୀର ଲୋକଙ୍କୁ ଠିକ୍ ସେହି ବେଗରେ ପଶ୍ଚିମକୁ ଗତି କରୁଥିବାର ଜଣାପଡେ। ସେ ପୃଥିବୀର ଆବର୍ତନ ସମୟକୁ ୨୩ ଘଂଟା ୫୬ ମିନିଟ୍ ୪.୧ ସେକେଣ୍ଡ ଲେଖିଛନ୍ତି ଏହାର ଆଧୁନିକ ମୂଲ୍ୟ ହେଉଛି ୨୩ ଘଂଟା ୫୬ ମିନିଟ୍ ୪.୦୯ ସେକେଣ୍ଡ।

ଆଜକୁ ୧୫୦୦ ବର୍ଷ ତଳେ ଏତେ ସଠିକ୍ ଗଣନାକୁ ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ସେହିପରି ସେ ଲେଖିଥିଲେ ବର୍ଷକ ହେଉଛି ୩୬୫ ଦିନ ୬ ଘଂଟା ୧୨ ମିନିଟ୍ ୩୦ ସେକେଣ୍ଡ। ଆଧୁନିକ ଗଣନାରେ ଏହାର ମୂଲ୍ୟ ହେଉଛି ୩୬୫ ଦିନ ୫ ଘଂଟା ୫୫ ମିନିଟ୍ ୧୧ ସେକେଣ୍ଡ। ପୃଥିବୀ ଓ ଚନ୍ଦ୍ରର ଛାୟାଜନିତ ପ୍ରାକୃତିକ ଘଟଣା ଯୋଗୁଁ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ସଂଘଟିତ ହେଉଛି ବୋଲି ସେ ଲେଖିଛନ୍ତି। ସପ୍ତଦଶ ଶତାବ୍ଦୀର ଶେଷଭାଗରେ ଇଂରେଜୀ ବୈଜ୍ଞାନିକ ନିଉଟନ୍ ମାଧ୍ୟାକର୍ଷଣ ନିୟମ ଆବିଷ୍କାର କରି କହିଲେ ପୃଥିବୀର ମାଧ୍ୟକର୍ଷଣ ବଳଯୋଗୁ ଉପରକୁ ଫିଙ୍ଗୁଥିବା ବସ୍ତୁ ପୃଥିବୀ ନିଜ ଆଡକୁ ଟାଣୁଛି। କିନ୍ତୁ ଭାରତୀୟ ବୈଜ୍ଞାନିକ ଭାସ୍କରାଚାର୍ଯ୍ୟ ଦ୍ୱାଦଶ ଶତାବ୍ଦୀରେ ସିଦ୍ଧାନ୍ତ ଶିରୋମଣି ପୁସ୍ତକ ରଚନା କରି ଏହାର ଗୋଳାଧ୍ୟାୟ ଖଣ୍ଡରେ ଉଲ୍ଲେଖ କରିଛନ୍ତି "ଆକୃଷ୍ୟତେ ଯତ୍ ଯତୀତି ଭାତି ଅସ୍ଥଂ ଗୁରୁଂ ସ୍ୱାଭିମୂଖଂ ସ୍ୱଶକ୍ତ୍ୟା", ଅର୍ଥାତ୍ ପୃଥିବୀ ନିଜ ଓଜନ ଯୋଗୁ ସମସ୍ତ ବସ୍ତୁକୁ ନିଜ ଆଡକୁ ଆକର୍ଷଣ କରିଆଣୁଛି। ଏହାପୂର୍ବରୁ ମହର୍ଷି କଣାଦ ଖ୍ରୀ.ପୂ. ପଂଚମ ଶତାବ୍ଦୀରେ ମାଧ୍ୟାକର୍ଷଣକୁ "ଗୁରୁତ୍ୱ" ଶବ୍ଦରେ ଅଭିହିତ କରିଛନ୍ତି। ସେ ମଧ୍ୟ "ବୈଷୟିକ ସୂତ୍ର" ନାମକ ଗୋଟିଏ ଗ୍ରନ୍ଥ ରଚନା କରିଥିଲେ। ତାଙ୍କ ମତରେ ବସ୍ତୁର ଅନ୍ତିମ ପରିଣତି ହେଉଛି ପରମାଣୁ। ଏହି କ୍ଷୁଦ୍ରାତିକ୍ଷୁଦ୍ର ପରମାଣୁ ସଂଯୋଗରେ ବସ୍ତୁର ସୃଷ୍ଟି ଓ ବସ୍ତୁଦ୍ୱାରା ହିଁ ବିଶ୍ୱ ସୃଷ୍ଟି ହୋଇଛି। ଅଷ୍ଟମ ଶତାବ୍ଦୀର ରସାୟନ ବିଜ୍ଞାନୀ ନାଗାର୍ଜୁନ ପାତନ, ଊର୍ଦ୍ଧ୍ୱପାତନ, ଅଧଃପାତନ, ତୀର୍ଯ୍ୟକ୍ ପତନ, ଦହନ ଆଦି ଆବିଷ୍କାର କରିଥିଲେ। ଏହି ରସାୟନ ପଦ୍ଧତିଗୁଡ଼ିକୁ ସେ ତାଙ୍କ ପୁସ୍ତକ "ରସ ରତ୍ନାକର"ରେ ଲିପିବଦ୍ଧ କରିଛନ୍ତି। ସେ ଏଥିରେ ପାରଦର ବିଭିନ୍ନ ଯୌଗିକ ପଦାର୍ଥର ପ୍ରସ୍ତୁତି ପ୍ରଣାଳୀ ବିଷୟରେ ବର୍ଣ୍ଣନା କରିଛନ୍ତି।

ଧାତୁ ବିଦ୍ୟାରେ ମଧ୍ୟ ପ୍ରାଚୀନ ଭାରତ ଉତ୍କର୍ଷ ଲାଭ କରିଥିଲା। ଭାରତୀୟମାନେ ପ୍ରଥମେ ସୁନାର ବ୍ୟବହାର ଜାଣିଥିଲେ। ଛାନ୍ଦୋଗ୍ୟ ଉପନିଷଦରେ ସୁନା, ରୁପା, ଟିଣ, ସୀସା ଓ ଲୌହ ଆଦି ପଂଚଧାତୁର ନାମ ଉଲ୍ଲେଖ ରହିଛି। ଏହି ଲୁହାର ନିର୍ମିତ "ତାମସସ୍ ଖଣ୍ଡା" ଏକ କିମ୍ବଦନ୍ତୀରେ ପରିଣତ ହୋଇଛି। ଭାରତୀୟ ଲୌହ ଧାତୁକଳାର ଅନ୍ୟ ଏକ ନିଦର୍ଶନ ହେଉଛି ଦିଲ୍ଲୀର ଲୌହସ୍ତମ୍ଭ। ଦୀର୍ଘ ୧୫୦୦ ବର୍ଷ ଧରି ଖରା ଓ ବର୍ଷାରେ ରହିଥିଲେ ମଧ୍ୟ ଏଥିରେ ଅଦ୍ୟାବଧି କଳଙ୍କି ଲାଗିନାହିଁ। ଆଜିର ଆଧୁନିକ ବିଜ୍ଞାନ ଏହାର ବିଭିନ୍ନ ଉପାଦାନକୁ ଜାଣିବାରେ ସମର୍ଥ ହୋଇପାରିନି।

ପ୍ରାଚୀନ ଶାସ୍ତ୍ରରେ ଗଣିତ ଶାସ୍ତ୍ରର ବହୁତ ବିକାଶ ହୋଇଥିଲା। ଆର୍ଯ୍ୟଭଟ୍ଟ, ବ୍ରହ୍ମଗୁପ୍ତ ଓ ଭାସ୍କରାଚାର୍ଯ୍ୟ ଆଦି ଜ୍ୟୋତିର୍ବିଦ୍‌ମାନେ "ଖଗୋଳ" ଗବେଷଣା କରିବାକୁ ଯାଇ ପାଟୀଗଣିତ, ବୀଜଗଣିତ, ତ୍ରିକୋଣମିତି, ଜ୍ୟାମିତି ଓ କାଲ୍‌କୁଲସ୍ ଆଦି ବିଭିନ୍ନ ଗାଣିତିକ ବିଭାଗର ଅନୁଶୀଳନ କରିଥିଲେ। ହିନ୍ଦୁ ଗାଣିତିକମାନଙ୍କର ଗଣିତ ଶାସ୍ତ୍ର ପ୍ରତି ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ହେଉଛି "ଶୂନ"ର ବ୍ୟବହାର। ଏହାସହିତ ସେମାନଙ୍କ ଦ୍ୱାରା ଉଦ୍ଭାବିତ ଦଶମିକ ସଂଖ୍ୟା ପଦ୍ଧତି ସଂଖ୍ୟାଲିଖନ୍ ପ୍ରଣାଳୀକୁ ଅତି ସଂକ୍ଷିପ୍ତ କରିଦେଲା। ଏହି ସଂଖ୍ୟା ପଦ୍ଧତିକୁ ଆରବୀୟମାନେ ଭାରତରୁ ଶିଖି ଶିଖି ୟୁରୋପୀୟମାନଙ୍କୁ ଶିଖାଇଥିଲେ। ମାତ୍ର ପରେ ଏହାର ପ୍ରକୃତ ଉତ୍ସର ଦେଶର ନାମ ଜଣାପଡିବା ପରେ ବର୍ତମାନ ଏହା "ହିନ୍ଦୁ ଆରବୀୟ ସଂଖ୍ୟା ପଦ୍ଧତି" ନାମରେ ଜଣାପଡିଛି। ଗଣିତ ବିଜ୍ଞାନକୁ ଭାରତର ଅବଦାନକୁ ସମ୍ମାନ ଜଣାଇ ଗତ ଶତାବ୍ଦୀର ଶ୍ରେଷ୍ଠ ବୈଜ୍ଞାନିକ ଆଇନଷ୍ଟାଇନ୍ କହିଥିଲେ, "We owe a lot to the Indians, who taught us how to count, without which no worthwhile Scientific discovery could have been made." ବର୍ତମାନ ସ୍କୁଲରେ ପିଲାମାନେ "ପିଥାଗୋରସ୍ ଉପପାଦ୍ୟ" ପଢୁଛନ୍ତି। ଏହି ସୂତ୍ରଟି ତ୍ରିଭୁଜର ବାହୁଗୁଡ଼ିକର ସମ୍ପର୍କକୁ ନେଇ ରଚିତ। ମାତ୍ର ଏହାର ଦୁଇଶହ ବର୍ଷ ପୂର୍ବରୁ ଭାରତରେ ଗଣିତିକ ବୌଧାୟନ ଏହାକୁ ଶୁଲ୍ବ ସୂତ୍ର ଗ୍ରନ୍ଥରେ ଲେଖିଯାଇଛନ୍ତି। ଭାସ୍କରାଚାର୍ଯ୍ୟ ପ୍ରଥମରେ କାଲକୁଲସ୍ ବ୍ୟବହାର କରିଥିଲେ। ମାତ୍ର ଆଜି କାଲକୁଲସ୍ ଭଲଭାବେ ଭାବେ ନିଉଟନ୍ ଓ ଲିବନିଜ୍‌ଙ୍କୁ ଗଣିତ, ଇତିହାସ ସମ୍ମାନ ଦେଉଛି। ସେହିପରି ପ୍ରାଚୀନ ଭାରତରେ ଚିକିତ୍ସା ବିଜ୍ଞାନର ପ୍ରଭୂତ ଉନ୍ନତି ହୋଇଥିଲା। ମହର୍ଷି ଆତ୍ରେୟ, ଜୀବକ, ଧନ୍ୱନ୍ତରୀ, ଚରକ-ସୁଶ୍ରୁତ ଓ ବାଗ୍‌ଭଟ୍ଟ ଆଦି ଚିକିତ୍ସକମାନେ ଅଶେଷ ଖ୍ୟାତି ଅର୍ଜନ କରିଥିଲେ। ଚରକ-ସୁଶ୍ରୁତ ଓ ବାଗ୍‌ଭଟ୍ଟଙ୍କୁ ଭାରତୀୟ ଆୟୁର୍ବେଦ ଜଗତର ତ୍ରିବେଣୀ ତୀର୍ଥ କୁହାଯାଏ। ଏହି ତିନିଜଣ ଆୟୁର୍ବେଦ ଆଚାର୍ଯ୍ୟଙ୍କ ଯୋଗୁ ଆଜି ସମଗ୍ର ଭାରତ ବିଶ୍ୱବନ୍ଦ୍ୟ।

ଆୟୁର୍ବେଦ ବିଜ୍ଞାନର ପ୍ରଥମ ପ୍ରବକ୍ତା ହେଲେ ଧନ୍ୱନ୍ତରୀ। ଭାଗବତ ପୁରାଣରେ ଧନ୍ୱନ୍ତରୀଙ୍କ ଆବିର୍ଭାବ କଥା ସମୁଦ୍ର ମନ୍ଥନରୁ ଅମୃତ କଳସ ଧରି ପ୍ରତ୍ୟକ୍ଷ ହେବା ଜଣାପଡେ। ଧନ୍ୱନ୍ତରୀଙ୍କ ଦ୍ୱିତୀୟ ଆୟୁର୍ବେଦ ଆଚାର୍ଯ୍ୟ ହେଲେ ମହର୍ଷି ଚରକ। ସମଗ୍ର ଭାରତରେ ତଥା ବିଶ୍ୱର ସର୍ବପ୍ରାଚୀନ ବୈଦ୍ୟ ଶାସ୍ତ୍ର ହେଲା ତାଙ୍କ ରଚିତ "ଚରକ ସଂହିତା"। ବ୍ୟାଧିର ଉଦ୍ଭବ ଏବଂ ଆରୋଗ୍ୟ ବିଷୟରେ ଏଥିରେ ଯାହା ବର୍ଣ୍ଣନା କରାଯାଇଛି ତା'ର ଆଧାରରେ ଆଜି ହଜାର ହଜାର ଚିକିତ୍ସାଶାସ୍ତ୍ର ରଚିତ। ଚରକ କହନ୍ତି, ମନୁଷ୍ୟ ମନରେ ପ୍ରତିକ୍ଷଣରେ ସୃଷ୍ଟି ହେଉଥିବା ତୃଷ୍ଣା ହିଁ ରୋଗ ଉତ୍ପତିର ମୁଖ୍ୟ କାରଣ। ସେ ତାଙ୍କ ସଂହିତାରେ ରୋଗ ବିଷୟରେ ଦଶବିଧ ପରୀକ୍ଷା ଯାହା ହେଲା ପ୍ରକୃତି, ବିକୃତି, ସାର ସଂହନନ, ପ୍ରମାଣ, ସାତ୍ମ୍ୟ, ସତ୍ୱ, ଆହାର-ଶକ୍ତି, ବ୍ୟାୟାମ ଏବଂ ବୟମ ଯାହା କରି ରୋଗ ନିର୍ଣ୍ଣୟ କରି ଔଷଧ ଦେବା ଉଚିତ। ସେ ପଦଚାରଣ କରି ବା ବିଚରଣ କରି ରୋଗୀମାନଙ୍କୁ ଆରୋଗ୍ୟ କରୁଥିବା କାରଣରୁ ତାଙ୍କୁ ଚରକ କୁହାଯାଏ। ଏହାଙ୍କ ପରେ ବିଶ୍ୱାମିତ୍ରଙ୍କ ପୁତ୍ର ସୁଶ୍ରୁତ ସଂହିତାରେ ଶଲ୍ୟଚିକିତ୍ସା ବିଷୟରେ ଯାହା ଲେଖିଛନ୍ତି ତା'ର ଅର୍ଦ୍ଧାଧିକ କୌଶଳ ଓ ଯନ୍ତ୍ର ଆଜିର ଆଧୁନିକ ଅପରେସନ୍‌ରେ ବ୍ୟବହାର ହେଉଛି। ବାଗ୍‌ଭଟ୍ଟ ମଧ୍ୟ ଜଣେ ମହାନ ବୈଦ୍ୟ ଥିଲେ। ତାଙ୍କ ପ୍ରସିଦ୍ଧ ବୈଦ୍ୟଶାସ୍ତ୍ର 'ଅଷ୍ଟାଙ୍ଗ ହୃଦୟ" ଏକ ମହନୀୟ ଗ୍ରନ୍ଥ। ଏସବୁ ତଥ୍ୟରୁ ଜଣାପଡେ ପ୍ରାଚୀନ ଭାରତ ଅନ୍ୟ ସଭ୍ୟତାଗୁଡିକଠାରୁ ଜ୍ଞାନ, ବିଜ୍ଞାନ କ୍ଷେତ୍ରରେ ଯଥେଷ୍ଟ ଆଗୁଆ ଥିଲା। ସେ କାଳର ପୁଷ୍ପକ ବିମାନ, ଭୀଷ୍ମ, ଦ୍ରୋଣ, ଅର୍ଜୁନ ଓ କର୍ଣ୍ଣଙ୍କ ଦିବ୍ୟାସ୍ତ୍ର ଆଜିର ତଥାକଥିତ ବୁଦ୍ଧିଜୀବୀ ତଥା ବୈଜ୍ଞାନିକମାନେ କାଳ୍ପନିକର ଆଖ୍ୟା ଦେଇଛନ୍ତି। ଆଜକୁ ୬/୭ବର୍ଷ ତଳେ ଅନେକ ବୈଜ୍ଞାନିକ ପ୍ରାଚୀନ ଭାରତର ବୈମାନିକ ଶାସ୍ତ୍ର ସମ୍ବନ୍ଧରେ ବାହାସ୍ଫୋଟ ମାରିବା ପରେ ବିଜ୍ଞାନ କଂଗ୍ରେସର ବାର୍ଷିକ ଅଧିବେଶନରେ ସମାଲୋନାର ଶିକାର ହୋଇଥିଲେ। ଶେଷରେ ଏତିକି କହିବି "ଯାହା ନାହିଁ ଭାରତେ, ତାହା ନାହିଁ ମରତେ।"

*-ସମ୍ପାଦକ, ମାର୍ଗଦର୍ଶୀ, ମୋବାଇଲ ଫୋନ୍ ନଂ-୬୩୭୦୬୭୫୫୬୨*

# ଉପହାର



ସୁମନ୍‌ର ବାପା ପ୍ରକାଶ ବାବୁ ଜଣେ ବିଶିଷ୍ଟ ଶିଳ୍ପପତି। ମାଆ ରାଜଶ୍ରୀ ଦେବୀ ଜଣେ ଅଧ୍ୟାପିକା। ଏକମାତ୍ର ପୁଅ ସୁମନ୍‌କୁ ପିଲାଟି ଦିନରୁ ପିତାମାତା ଦୁଇଜଣ ଖୁବ୍ ଯତ୍ନର ସହ ସମସ୍ତ ଶିକ୍ଷା, ଦୀକ୍ଷା ଦେଇ ବଢ଼େଇ ଆସିଛନ୍ତି। କେବଳ ଅଧିକ ଗେଲବସର ହୋଇ ଗୁଡ଼ାଏ ବିଳାସବ୍ୟସନ ଭିତରେ ପିଲାଟି ଛନ୍ଦି ହୋଇ ନ ଯାଇ ଜୀବନର ବିଭିନ୍ନ ପରିସ୍ଥିତିକୁ କିପରି ସାମ୍ନା କରିପାରିବ ଏହା ଥିଲା ତାଙ୍କର ଉଦ୍ଦେଶ୍ୟ। କାରଣ ପ୍ରକାଶଙ୍କ ବାଲ୍ୟକାଳର ଜୀବନ ଥିଲା ଖୁବ୍ ସଂଘର୍ଷମୟ। ମନୁଷ୍ୟ ଜନ୍ମ ତ' ଅତି ସହଜ କିନ୍ତୁ ମନୁଷ୍ୟତା କଠିନ ପ୍ରଯତ୍ନ ଦ୍ୱାରା ହିଁ ପ୍ରାପ୍ତି ହୋଇଥାଏ। ପିଲାଟି ଦିନରୁ ପିତାମାତାଙ୍କୁ ହରାଇବା ପରେ ଅନେକ ଘାତ, ପ୍ରତିଘାତ ତଥା ଦାରିଦ୍ର୍ୟକୁ ଅତିକ୍ରମ କରି ସେ ନିଜର ଦୃଢ଼ସଙ୍କଳ୍ପ ଓ ପ୍ରଚେଷ୍ଟା ବଳରେ ଆଜି ଜଣେ ସ୍ୱନାମଧନ୍ୟ ଶିଳ୍ପପତି ହୋଇପାରିଛନ୍ତି। ପତ୍ନୀ ରାଜଶ୍ରୀ ଦେବୀଙ୍କର ମଧ୍ୟ ପାଦେ ପାଦେ ସହଯୋଗ ତାଙ୍କୁ ଆଜି ଖ୍ୟାତିସମ୍ପନ୍ନ କରିପାରିଛି, ଏହା ସେ ମୁକ୍ତକଣ୍ଠରେ ସ୍ୱୀକାର କରନ୍ତି। ପିତାମାତା ଦୁହେଁ, ପୁଅ ସୁମନ୍‌କୁ ପ୍ରତିଥର ଜନ୍ମଦିନରେ ଗୋଟିଏ ଅନାଥ ଆଶ୍ରମକୁ ନେଇଯାଆନ୍ତି। ସେଠାରେ ଅନାଥ ପିଲାମାନଙ୍କ ସହ କେକ୍ କାଟିବା, ବେଲୁନ୍ ଫୁଟେଇବା, ଗୀତ ବୋଲିବା, ଖେଳିବା, ସେମାନଙ୍କୁ ବିଭିନ୍ନ ଉପହାରମାନ ଦେବା କାମରେ ସାମିଲ୍ ହୋଇ ସୁମନ୍ ଓ ତା'ର ପିତାମାତା ଦୁହେଁ ଖୁବ୍ ଆନନ୍ଦିତ ଓ ଉଲ୍ଲସିତ ହୁଅନ୍ତି। କୁହାଯାଏ, ଈଶ୍ୱରଙ୍କଠାରେ ପହଞ୍ଚିବାର ଶ୍ରେଷ୍ଠ ମାଧ୍ୟମ ହେଉଛି ତାଙ୍କ ସୃଷ୍ଟିକୁ ଭଲ ପାଇବା।

ପୁଅ ସୁମନ୍ ଧୀରେ ଧୀରେ ସ୍କୁଲ, କଲେଜରୁ ଶିକ୍ଷା ସମାପ୍ତ କରି ଇଞ୍ଜିନିୟରିଂ ପଢ଼ିଲା। ଶେଷରେ ସେ 'ଟି.ସି.ଏସ୍.'ର ଜଣେ କମ୍ପ୍ୟୁଟର ଇଞ୍ଜିନିୟର ଭାବେ ଚାକିରି ଜୀବନ ଆରମ୍ଭ କଲା। 'ସୁମନ୍'କୁ ଠିକ୍ ଛବିଶି ବର୍ଷ ହେଲାପରେ ପିତାମାତା ତା'ର ବିବାହ କରିଦେଲେ ନେହା ନାମକ ଝିଅଟି ସହ। ନେହା ମଧ୍ୟ ଇନ୍‌ଫୋସିସ୍‌ରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ।

ଏବେ ସୁମନ ଓ ନେହା ପ୍ରତିଦିନ ଅଫିସ୍‌ରୁ ଆସି କୌଣସି ସ୍ଥାନକୁ ଯାଆନ୍ତି ଏବଂ ଫେରୁ ଫେରୁ ରାତି ପ୍ରାୟ ଦଶଟା ପରେ ହୋଇଯାଉଛି। ଅବଶ୍ୟ ଗଲାବେଳେ କହିକରି ଯାଉଛନ୍ତି, ମାତ୍ର କେଉଁଠିକୁ ଯାଉଛନ୍ତି ତାହା ସ୍ପଷ୍ଟ କରୁନାହାନ୍ତି। ପିତାମାତାଙ୍କ ଚିନ୍ତା ଏଥିପାଇଁ ଟିକେ ବଢ଼ିଯାଇଛି। ଦୁଇଜଣ ମିଶି କେଉଁଠିକୁ ଏବଂ କାହିଁକି ଯାଉଛନ୍ତି ଭାବି ଭାବି କିଛି ଉତ୍ତର ଖୋଜି ପାଉନାହାନ୍ତି ତା'ର। ଖରାପ ଚିନ୍ତା ତ' ପିତାମାତାଙ୍କର ପ୍ରଥମେ ଆସେ ମନକୁ। ଭାବୁଛନ୍ତି ଆଉ ପିଲା ଦୁହେଁ ଅବାଟରେ ମାଡ଼ି ଯାଉଛନ୍ତି କି! କେଉଁଠି କ୍ଲବ୍‌କୁ ଯାଇ ଆଉ ମଦ୍ୟପାନ କରୁନାହାନ୍ତି ତ! ଗୁଡ଼ାଏ ବାଜେ ସିନେମା ଦେଖିବାରେ ମୂଲ୍ୟବାନ ସମୟ ନଷ୍ଟ କରୁନାହାନ୍ତି ତ! ନଷ୍ଟଚରିତ୍ର ପିଲାଙ୍କ ସହ ସାଙ୍ଗ ହୋଇଗଲେ କି ଆଉ!! ଚିନ୍ତା କରି ଚାଲିଛନ୍ତି ଏମିତି କେତେ କ'ଣ, ଯାହାର କିଛି ଥଳକୂଳ ପାଉନାହାନ୍ତି ସେମାନେ।

ପିତାମାତାଙ୍କର ଆଜି ବିବାହର ତିରିଶି ବର୍ଷ ପୂର୍ତ୍ତି। ଏଥିପାଇଁ କିନ୍ତୁ ଘରେ କିଛି ଆୟୋଜନ କରିବାକୁ ରୋକ୍‌ଠୋକ୍ ମନା କରିଦେଇଛନ୍ତି ସେମାନେ। କେବଳ ସକାଳୁ ସକାଳୁ ସପରିବାର ମନ୍ଦିର ଯାଇ ସେଠାରେ କିଛି ଭୋଗ ଲଗାଇ ଚାଲି ଆସିଛନ୍ତି।

ସନ୍ଧ୍ୟା ପ୍ରାୟ ସାତଟା ବେଳେ ସୁମନ ଓ ନେହା ପିତାମାତଙ୍କୁ ସାଙ୍ଗରେ ନେଇଗଲେ। ସହରରୁ ଟିକେ ଦୂରରେ ଦୟା ନଦୀ କୂଳରେ ଗୋଟିଏ ସୁନ୍ଦର ଦୁଇମହଲା କୋଠା ନିକଟରେ ଗାଡ଼ିଟି ଅଟକିଗଲା। ଗାଡ଼ି ଭିତରୁ ଓହ୍ଲେଇ ପଡ଼ି ପ୍ରକାଶ ଓ ରାଜଶ୍ରୀ ଆଖି ସାମ୍ନାରେ ଯାହା ଦେଖିଲେ ତାହାକୁ ସହଜରେ ବିଶ୍ୱାସ କରି ପାରୁ ନ ଥିଲେ।

କୋଠାର ଉପର ମହଲାରେ ଚକ୍‌ଚକ୍ କରୁଥିଲା ନେମ୍‌ପ୍ଲେଟ୍‌ଟିଏ-'ଶ୍ରୀପ୍ରକାଶ ଅନାଥ ଆଶ୍ରମ'। ସୁମନ୍ ଓ ନେହା ହସ ହସ ବଦନରେ ଅତି ଉତ୍କଣ୍ଠିତ ହୋଇ ଠିଆହୋଇ ରହିଥିଲେ। ପ୍ରକାଶ ଓ ରାଜଶ୍ରୀ ଖୁସିରେ ଆତ୍ମହରା ହୋଇ ସେ ଦୁଇଜଣଙ୍କୁ ଆଲିଙ୍ଗନ କରି ପକାଇଲା ବେଳେ ଆଖିରୁ ଝରି ଆସୁଥିଲା ଆନନ୍ଦାଶ୍ରୁ। ଆଜି ଭଳି ଶୁଭ ଦିନରେ ପୁଅବୋହୂଙ୍କଠାରୁ ଯେ ଏତେ ବଡ଼ ଉପହାରଟିଏ ସେମାନଙ୍କୁ ମିଳିବ, ଏହା ଥିଲା କଳ୍ପନାତୀତ। ସେ ଦୁହେଁ ମନେମନେ ଭାବି ଚାଲିଥିଲେ ପିଲାଟି ଦିନରୁ ତାଙ୍କର ପ୍ରଯତ୍ନ, ପ୍ରଚେଷ୍ଟା, ଶ୍ରଦ୍ଧା ଓ ଭଲପାଇବା ବଳରେ ପୁଅକୁ ଠିକ୍ ମାର୍ଗରେ ପରିଚାଳିତ କରିପାରିଥିବାରୁ ଆଜି ପରିଣତିଟି ଏତେ ମାଧୁର୍ଯ୍ୟପୂର୍ଣ୍ଣ ହୋଇପାରିଲା।

ଏହାଦ୍ୱାରା ପିଲାମାନେ ଖାଲି ପିତାମାତାଙ୍କ ସ୍ୱପ୍ନକୁ ସାକାର କରିନାହାନ୍ତି, ନିଜର ଜନ୍ମକୁ ସାର୍ଥକ କରିବା ସଙ୍ଗେ ସଙ୍ଗେ ନିଜର ଭବିଷ୍ୟତକୁ ମଧ୍ୟ ଉଜ୍ଜ୍ୱଳମୟ କରିପାରିଛନ୍ତି।

**ଡ. ପ୍ରତିଭା ମହାରଥୀ**
*ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯*

## —କାହାକୁ ଭରସା କରିବ ଓଡ଼ିଶା ?—
# ୧୩୦ ବର୍ଷରେ ଓଡ଼ିଶାରେ ୯୬ ବାତ୍ୟା

ଡାକ୍ତର ସମ୍ରାଟ କର



ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇସାରିଛି। ଏହା ଆସନ୍ତା ୨୧ ତାରିଖ ସୁଦ୍ଧା ବାତ୍ୟା ରୂପ ନେଇ ଆଣ୍ଡାମାନ ଓ ନିକୋବର ଦ୍ୱୀପରେ ମାଡ଼ ହେବ। ଯାହା ଚଳିତ ବର୍ଷର ପ୍ରଥମ ବାତ୍ୟା ବୋଲି କୁହାଯାଉଛି। ସମ୍ଭାବ୍ୟ ବାତ୍ୟା ଆସାନୀ ମିଆଁମାର ଆଡ଼କୁ ଗତି କରିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ପାଣିପାଗ ବିଭାଗ ସୂଚନା ଅନୁସାରେ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ର ସ୍ଥଳରେ ସୃଷ୍ଟି ହୋଇଥିବା ଲଘୁଚାପ ପୂର୍ବ ଓ ଉତ୍ତର ପୂର୍ବ ଦିଗ ଆଡ଼କୁ ଗତିକରି ଗୁରୁବାର ବଙ୍ଗୋପସାଗର ଦକ୍ଷିଣ ପୂର୍ବ ତଟବର୍ତ୍ତୀ ପୂର୍ବ ମଧ୍ୟଭାଗରେ ହିନ୍ଦ ମହାସାଗରରେ କେନ୍ଦ୍ରୀଭୂତ ହୋଇଛି। ଲଘୁଚାପ ଯୋଗୁଁ ସମୁଦ୍ର ତଥା ବଙ୍ଗୋପସାଗର ଅଶାନ୍ତ ରହିଛି। ଲଘୁଚାପ ପୂର୍ବ-ଉତ୍ତର ପୂର୍ବ ଦିଗ ଆଡ଼କୁ ଗତି କଲାବେଳେ ବାତ୍ୟାର ପ୍ରଭାବ ରହିବ କିଭଳି ରହିବ ସ୍ପଷ୍ଟ ହେବ। ଗତ ୧୩୦ ବର୍ଷରେ ଓଡ଼ିଶାକୁ ବର୍ତ୍ତମାନ ସୁଦ୍ଧା ୯୬ଟି ବାତ୍ୟା ମାଡ଼ ହୋଇଛି। ଏଥିରୁ ୨୭ଟି ବାତ୍ୟା ବାଲେଶ୍ୱର ଜିଲ୍ଲାର ଉପକୂଳରେ ଲ୍ୟାଣ୍ଡଫଲ କରିଛି ବୋଲି ଏକ ତଥ୍ୟରୁ ଜଣାଯାଇଛି।

ଭାତ ହାଣ୍ଡିରୁ ଗୋଟିଏ ପରି ଗତ ଡିସେମ୍ବର କଥା ଦେଖନ୍ତୁ। ପ୍ରଥମ ସପ୍ତାହରେ ଲଘୁଚାପ ଜୱାଦ୍ ଶନିବାର ସକାଳ ପର୍ଯ୍ୟନ୍ତ ଅଧା ଓଡ଼ିଶାର ଲୋକଙ୍କୁ ବାତ୍ୟା ଭୟରେ ରଖିଥିଲା। ପ୍ରାୟ ୧୦ଟା ପରେ ଆଇଏମ୍‌ଡି ସ୍ପଷ୍ଟ କଲା ବାତ୍ୟା ହେବାର ନାହିଁ, ଶକ୍ତିହୀନ ହୋଇସାରିଛି ଜୱାଦ। ଅନ୍ୟ ପକ୍ଷରେ ଓଡ଼ିଶା ଏକ ବାତ୍ୟାପ୍ରବଣ ରାଜ୍ୟ ହୋଇଥିବାରୁ ଆଇଏମ୍‌ଡି ସୂଚନାକୁ ଆଧାର କରି ରାଜ୍ୟ ସରକାର ବାତ୍ୟା ମୁକାବିଲା ପ୍ରସ୍ତୁତି କରିଥିଲେ। ବିଭିନ୍ନ ସମ୍ବେଦନଶୀଳ ଜିଲ୍ଲାକୁ ଉଦ୍ଧାରକାରୀ ଦଳ ପଠାଇବା ସହ ତଳିଆ ଅଞ୍ଚଳରୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଥିଲେ। ଯାହା ସମ୍ପର୍କରେ ଏସ୍‌ଆରସି ଟ୍ୱିଟ୍ କରି ସୂଚନା ଦେଉଥିଲେ। ଏମିତିକି ବାତ୍ୟାଟି ଓଡ଼ିଶାରେ ଲ୍ୟାଣ୍ଡଫଲ କରି ନପାରେ ବୋଲି ଏସ୍‌ଆରସି ଟ୍ୱିଟ କରି ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରିଥିଲେ। କିନ୍ତୁ ଏହା ପରେ ମଧ୍ୟ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋଟିକୋଟି ଓଡ଼ିଶାବାସୀଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଆଗକୁ ଓଡ଼ିଶା ପରି ବାତ୍ୟା ପ୍ରବଣ ରାଜ୍ୟର ସରକାର କେଉଁ ରିପୋର୍ଟ ଉପରେ ଭରସା କରିବେ। କାହା ତଥ୍ୟ ଆଧାରରେ ବାତ୍ୟା ମୁକାବିଲା କରିବେ ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଛି। ଏପରିକି କିଛି ପାଣିପାଗ ବିଜ୍ଞାନୀ ମଧ୍ୟ ସମାନ ଆଶଙ୍କା କରିଛନ୍ତି। କେବଳ ଆଇଏମ୍‌ଡି ନୁହେଁ ବିଶ୍ୱର ବଡ଼ ବଡ଼ ପାଣିପାଗ ସଂସ୍ଥା ମଧ୍ୟ ଆକଳନରେ ଭୁଲ ସାବ୍ୟସ୍ତ ହେବାରେ ଲାଗିଛନ୍ତି। ବାତ୍ୟା 'ୟସ୍', 'ଗୁଲାବ' ଓ ଏବେ 'ଜୱାଦ' କ୍ଷେତ୍ରରେ ସମାନ ଘଟଣା ଘଟିଛି। ଅଭିଜ୍ଞତା ଦୃଷ୍ଟିରୁ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ବାତ୍ୟାର ସଠିକ ଗତିପଥ ଓ ତୀବ୍ରତା ମାପିବାରେ ଆଇଏମ୍‌ଡି ସର୍ବାଗ୍ରେ ବୋଲି ବିବେଚନା କରାଯାଇଛି। ତେଣୁ ପୂର୍ବରୁ ଯେତେ ବାତ୍ୟା ଆସିଛି, ବିଦେଶୀ ସଂସ୍ଥାଙ୍କୁ ଛାଡ଼ି ଆଇଏମ୍‌ଡି ଆକଳନ ଉପରେ ରାଜ୍ୟ ସରକାର ସର୍ବଦା ଆଶାପ୍ରକଟ କରିଥାନ୍ତି। ମାତ୍ର କ୍ରମାଗତ ଭାବେ ଆଇଏମ୍‌ଡିର ଆକଳନ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି କରୁଥିବାରୁ ଅଭିଯୋଗ ଆରମ୍ଭ ହୋଇଯାଇଛି। 'ଜୱାଦ' ପ୍ରସଙ୍ଗରେ ସୋସିଆଲ ମିଡ଼ିଆରେ ଆଇଏମ୍‌ଡି କାର୍ଯ୍ୟାକଳାପ ଉପରେ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଛି। ଆଇଏମ୍‌ଡି ଆକଳନ ଆଧାରରେ ହିଁ ରାଜ୍ୟ ସରକାର ମୁକାବିଲା ପ୍ରସ୍ତୁତି କରିଥାନ୍ତି। ଓଡ଼ିଶା ଭଳି ଏକ ବାତ୍ୟା ପ୍ରବଣ ରାଜ୍ୟ ପାଇଁ ଆଗୁଆ ଓ ସଠିକ୍ ସୂଚନା ଯଥେଷ୍ଟ ଗୁରୁତ୍ୱ ରଖୁଥିବାରୁ ଏଥିପ୍ରତି ବିକଳ୍ପ ପନ୍ଥା ଗ୍ରହଣ କରିବାକୁ ଦାବି ଉଠିଛି। ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ବାୟୁ ମଣ୍ଡଳରେ ଶୀଘ୍ର ପରିବର୍ତ୍ତନା ହେତୁ ପାଣିପାଗ ଆକଳନ କରିବା କଷ୍ଟକର ହୋଇପଡୁଛି। ଯାହାକି ପୂର୍ବାନୁମାନରେ କଷ୍ଟସାଧ ହେଉଛି। ତେବେ କିଛି ମଡେଲକୁ ଛାଡ଼ିଦେଲେ ଅନ୍ୟମାନେ ବାରମ୍ବାର ନିଜର ମତ ବଦଳାଉଛନ୍ତି। ଯାହାଦ୍ୱାରା ଆକଳନକାରୀଙ୍କ ପାଇଁ ଏହା ଏକ ବଡ଼ ଆହ୍ୱାନ ହୋଇପଡ଼ିଛି। ତେଣୁ ଆଗାମୀ ଦିନରେ ଏ ଦିଗରେ ଗବେଷଣା ଅଧିକ କରିବା ଆବଶ୍ୟକ ହୋଇଛି। ସେହିପରି ମଡେଲଗୁଡ଼ିକ ଚଳାଇବା ପାଇଁ ଭାରତର ବିଭିନ୍ନ ସ୍ଥାନରୁ ତଥ୍ୟ ଦରକାର ପଡୁଛି। ଏହି ତଥ୍ୟକୁ ଆଧାର କରି ସବୁ ମଡେଲ ଆକଳନ ଜାରି କରୁଛନ୍ତି। ବିଦେଶୀ ମଡେଲ ମଧ୍ୟ ଭାରତ ଠାରୁ ସଂଗୃହୀତ ତଥ୍ୟ ଗ୍ରହଣ କରି ଆକଳନ ଜାରି କରୁଛନ୍ତି। ମାତ୍ର ଏହି ଗୋଳମାଳିଆ ଓ ଭୁଲ ତଥ୍ୟ ଯୋଗୁଁ ବିଦେଶୀ ସଂସ୍ଥା ଭୁଲ ଆକଳନ କରୁଛନ୍ତି। ଭାରତୀୟ ପାଣିପାଗ ବିଭାଗ ସଂପୂର୍ଣ୍ଣ ଭାବେ ବିଦେଶୀ ମଡ଼େଲ ଉପରେ ନିର୍ଭର କରୁଥିବାରୁ ସଠିକ ଆକଳନରେ ସମସ୍ୟା ସୃଷ୍ଟି ହେଉଛି। ସମାନ ଭାବେ ସଠିକ ଆକଳନ ପାଇଁ ଦେଶ ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ବେଲୁନ ଛଡ଼ା ଯାଇଥାଏ। ବାୟୁମଣ୍ଡଳର ସ୍ଥିତି ଜାଣିବାକୁ ଏହି କାର୍ଯ୍ୟ କରାଯାଏ। ମାତ୍ର ତାହା ମଧ୍ୟ କ୍ରମାଗତ ଭାବେ କରାଯାଉ ନଥିବା ଅଭିଯୋଗ ହୋଇଛି। ଆମେରିକାର 'ଜେଟିଡବ୍ଲୁସି' ଭଳି ସଂସ୍ଥା ମଧ୍ୟ ନିଜ କଥାରେ ଦୃଢ଼ ଭାବେ ରହି ନପାରି ବାରମ୍ବାର ମତ ପରିବର୍ତ୍ତନ କରୁଛି। ଏହା ବ୍ୟତୀତ ଆଇଏମ୍‌ଡି ନିକଟରେ ପର୍ଯ୍ୟାପ୍ତ ପରିମାଣରେ ଭିତ୍ତିଭୂମି ମଧ୍ୟ ନାହିଁ। ଆଇଏମ୍‌ଡି ବ୍ୟବହାର କରୁଥିବା ସାଟେଲାଇଟ ମଧ୍ୟ ଅନ୍ୟ ଦେଶ ତୁଳନାରେ ଉନ୍ନତ ହୋଇପାରୁ ନାହିଁ। ସେହିପରି ବଙ୍ଗୋପସାଗରରେ ଥିବା ଭାସମାନ ୱେଦର ଷ୍ଟେସନ ମଧ୍ୟ ସମ୍ପୂର୍ଣ୍ଣ ବଙ୍ଗୋପସାଗରକୁ ପରିଧିରେ ଆକଳନ କରିପାରୁନାହିଁ। ଯାହାଦ୍ୱାରା ବାତ୍ୟା ସମ୍ପର୍କରେ ସଠିକ ଆକଳନ ସମସ୍ୟା ସୃଷ୍ଟି ହେଉଛି। ଭାରତକୁ ବାରମ୍ବାର ବାତ୍ୟା ଭୟ ରହୁଥିଲେ ମଧ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନଥିବାରୁ ଧୀରେ ଧୀରେ ଆଇଏମ୍‌ଡିର ବିଶ୍ୱାସନୀୟତା ପ୍ରତି ଆଶଙ୍କା ସୃଷ୍ଟି ହେବାରେ ଲାଗିଛି।

ବର୍ଷା, ବାତ୍ୟା, ମରୁଡ଼ି ଏବଂ ବନ୍ୟା ସଂପର୍କରେ ଅଧିକ ଜାଣିବାକୁ ହେଲେ ପ୍ରଥମେ ଆମ ସରକାରଙ୍କୁ ବାଦଲ ବା କ୍ଲାଉଡ ଉପରେ ଗବେଷଣା କରିବାକୁ ହେବ। ବାଦଲରେ ଜଳୀୟ ବାଷ୍ପର ମାତ୍ରା, ପବନର ବେଗ, ବଜ୍ରପାତ ହେବାର ଆଶଙ୍କା ଆଦିର ଅନୁଧ୍ୟାନ ଠିକ୍ ଭାବେ କରାଯାଇ ପାରିଲେ ଓଡିଶାରେ ପାଣିପାଗ ଜନିତ ବିପର୍ଯ୍ୟୟକୁ ଅନେକ ମାତ୍ରାରେ ରୋକାଯାଇ ପାରନ୍ତା। ବିପର୍ଯ୍ୟୟର ମାତ୍ରାକୁ ସର୍ବନିମ୍ନ କରିବା ପାଇଁ ହେଲେ ବ୍ଲକ ଏବଂ ପଞ୍ଚାୟତସ୍ତରରେ ମଲ୍ଟିଲେଭେଲ୍ ହାଜାର୍ଡ୍ ମ୍ୟାପିଂ ଏବଂ ବିପର୍ଯ୍ୟୟ ସହନଶୀଳ ଭିତ୍ତିଭୂମି ସ୍ଥାପନ କରିବାର ତୁରନ୍ତ ଆବଶ୍ୟକତା ରହିଛି। ଏହାହେଲେ ବିଶ୍ୱରେ ହେଉଥିବା ପାଣିପାଗ ପ୍ରଭାବ ଜନିତ ଏକାଧିକ ବିପର୍ଯ୍ୟୟ ପ୍ରଭାବରୁ ଓଡ଼ିଶାକୁ ଅନେକ ମାତ୍ରାରେ ସୁରକ୍ଷିତ ରଖାଯାଇ ପାରିବ।

*-ମାନସିକ ରୋଗ ବିଶେଷଜ୍ଞ, ଦି' ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩*




# ଶ୍ରମିକ ସଙ୍ଗଠନ ଗୁଡିକ ପକ୍ଷରୁ କେନ୍ଦ୍ରାପଡ଼ା ବନ୍ଦ




କେନ୍ଦ୍ରାପଡ଼ା,(ପି.ଏନ): ଶ୍ରମିକ ସଙ୍ଗଠନ ଆଇ.ଏନ.ଟି.ୟୁ.ସି., ଏ.ଆଇ.ଟି.ୟୁ.ସି., ଏ.ଆଇ.ସି.ସି. ଟି.ୟୁ., ଏଚ. ଏମ.ଏସ., ସେୱା, ବ୍ୟାଙ୍କ,ବୀମା ଓ ଏମ୍ପ୍ଲୋଇଜ ଫେଡେରେସନ ପକ୍ଷରୁ ଡାକରା ଦିଆଯାଇଥିବା ଦୁଇ ଦିନିଆ ସାଧାରଣ ଧର୍ମଘଟର ପ୍ରଥମ ଦିନରେ କେନ୍ଦ୍ରାପଡ଼ା ବନ୍ଦ କରାଯାଇଥିଲା। ଏହି ଅବସରରେ ତିନିମୁହାଣୀ ଛକ ଠାରେ ଶ୍ରମିକ ନେତାମାନେ ଗାଡିମଟର ବନ୍ଦ କରି କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ସେମାନଙ୍କ ଦାବି ଥିଲା ୪ଟି ଶ୍ରମ କୋଡର ଓ ଅତ୍ୟାବଶ୍ୟକୀୟ ପ୍ରତିରକ୍ଷା ସେବା ଆଇନ ବାତିଲ, ସଂଯୁକ୍ତ କିଷାନ ମୋର୍ଚ୍ଚାର ୬ ଦଫା ଦାବିକୁ ଗ୍ରହଣ କରିବା, ଘରୋଇକରଣ ବନ୍ଦ କରିବା, ଜାତୀୟ ସମ୍ପଦ ମୁଦ୍ରିକରଣ ଯୋଜନାକୁ ବାତିଲ କରିବା, ମାସିକ ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା ଧାର୍ଯ୍ୟ କରିବା, ଆୟକର ପ୍ରଦାନ ତଳେ ଥିବା ପରିବାରକୁ ମାସକୁ ୭୫୦୦ ଟଙ୍କା ପ୍ରଦାନ କରିବା, ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରିବା, ପେଟ୍ରୋଲଜାତ ପଦାର୍ଥ ଉପରୁ ଏକସାଇଜ ଡ୍ୟୁଟି ହ୍ରାସ କରିବା ପ୍ରଭୃତି ୧୨ ଦଫା ଦାବିରେ ଏହି ଧର୍ମଘଟ କରାଯାଇଥିଲା। ଶ୍ରମିକ ସଂଗଠନର ନେତାମାନେ ରାସ୍ତାରୋକ କରିବା ସହ ସହରର ବିଭିନ୍ନ ସରକାରୀ ଦପ୍ତର, ବ୍ୟାଙ୍କ, ବୀମା, ଡାକ କାର୍ଯ୍ୟାଳୟ ପ୍ରଭୃତି ବନ୍ଦ କରିଥିଲେ। ଏହି ଧର୍ମଘଟ ଡାକରାରେ ସ୍ୱତଃପ୍ରୁତ ଭାବେ ଅନେକ ଅନୁଷ୍ଠାନ ବନ୍ଦ ରହିଥିଲା। ଶ୍ରମିକ ସଙ୍ଗଠନମାନଙ୍କ ଦ୍ୱାରା ଆହୂତ ଏହି ଧର୍ମଘଟକୁ ଭାରତୀୟ ଜାତୀୟ କଂଗ୍ରେସ, ସିପିଆଇ(ଏମ୍), ସିପିଆଇ, ସିପିଆଇ(ଏମ୍ଏଲ) ଓ ଏସ୍ୟୁସିଆ ପ୍ରମୁଖ ଦଳ ସମର୍ଥନ କରିବା ସହ ଏଥିରେ ସାମିଲ ହୋଇଥିଲେ। ଏହି ଉପଲକ୍ଷେ ତିନିମୁହାଣୀ ଛକରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଆଇଏନ୍‌ଟିୟୁସିର ଜିଲ୍ଲା ସଭାପତି ମୁକ୍ତାର ଖାଁ ସଭାପତିତ୍ୱ କରିଥିବା ବେଳେ ଏଆଇଟିୟୁସିର ଜିଲ୍ଲା ସଭାପତି ବାବାଜି ଧଳ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ସିପିଆଇ ଜିଲ୍ଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ଏସ୍ୟୁସିଆଇ ଜିଲ୍ଲା ନେତ୍ରୀ ଏଲିନା ସାମନ୍ତରାୟ, ସିପିଆଇଏମ୍(ଏଲ) ନେତା ପ୍ରକାଶ ମଲ୍ଲିକ, ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ନରୋତ୍ତମ ପାର୍ଥସାରଥୀ, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ନବ ନିର୍ମାଣ କୃଷକ ସଂଗଠନର ଆବାହକ ଦାସରଥୀ ସାହୁ, ଆଇ.ଏନ.ଟି.ୟୁ.ସି. ରାଜ୍ୟ ସଦସ୍ୟ ପ୍ରଦୀପ କୁମାର ମହାନ୍ତି, ଜିଲ୍ଲା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଜୟ ସାମଲ, ବସନ୍ତ ସେଠୀ, ବିଧୁଭୂଷଣ ମହାପାତ୍ର, ବିଜୟ ଦାସ, ସି.ଆଇ.ଟି.ୟୁ. ଜିଲ୍ଲା ନେତା ମାଧବ ଦାସ, କୃଷ୍ଣଚନ୍ଦ୍ର ରାଉତ, ଉମେଶ ଚନ୍ଦ୍ର ସିଂହ, ଅମୀୟ କୁମାର ନାୟକ, ସର୍ବେଶ୍ୱର ସେଠୀ, ପ୍ରତାପ ପରିଜା, ଆଦିକନ୍ଦ ରାଉଳ, ସୁହାନା ବେଗମ, ଅଭୟ ଦାସ, ବିଚିତ୍ର ଧଳ, ଭାରତୀ ବାରିକ, ଆକବରୀ ବେଗମ, ପଦ୍ମନାଭ ବେହେରା, ରମେଶ ଚନ୍ଦ୍ର ମଲିକ, ହୀରାମଣି ରାଉତ, ସଞ୍ଜୀବ ରାଉତ, ମହେନ୍ଦ୍ର ପରିଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଶାକର୍ମୀ ନେତ୍ରୀ କାନ୍ତୀ ପ୍ରଭା ନାୟକ, ନନ୍ଦିନୀ ସ୍ୱାଇଁ, ରଞ୍ଜୁବାଳା ସ୍ୱାଇଁ, ସୌଦାମିନୀ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ଆଶାକର୍ମୀ ସହର ପରିକ୍ରମା କରିବା ସହିତ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ସର୍ବଭାରତୀୟ ଭାରତ ବନ୍ଦ ପାରାଦୀପରେ ଆଂଶିକ ସଫଳ

ପାରାଦୀପ,(ପି.ଏନ): ଭାରତର ୧୦ଗୋଟି ଶ୍ରମିକ ସଙ୍ଗଠନର ଡାକରାରେ ପାରାଦୀପ ତଥା ଦେଶର ବିଭିନ୍ନ ସ୍ଥାନରେ ଭାରତ ବନ୍ଦର ପ୍ରଭାବ ସୋମବାର ଦିନ ଦେଖିବାକୁ ମିଳିଥିଲା। ସୋମବାର ଦିନ ସକାଳୁ ପାରାଦୀପର ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାମାନେ ପାରାଦୀପର ବିଭିନ୍ନ ସ୍ଥାନରେ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୁଦ୍ଧରେ ଧାରଣା ଦେଇଥିଲେ। ଏହି ଧାରଣା ଫଳରେ ପାରାଦୀପ ବନ୍ଦରର ପଣ୍ୟକାରବାର ପ୍ରଭାବିତ ହୋଇଥିଲା। ପାରାଦୀପର ପ୍ରମୁଖ ଶ୍ରମିକ ସଙ୍ଗଠନର ମୁଖ୍ୟ ଅନନ୍ତ କୁମାର ଦାସ, ନୃସିଂହ ଚରଣ ଶତପଥି, ଅରିନ୍ଦମ ସାର୍ଖେଲ ପ୍ରମୁଖ ଏହି ବନ୍ଦରେ ସାମିଲ ହୋଇଥିଲେ। ଅପରାହ୍ନରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଏହି ଶ୍ରମିକ ସଙ୍ଗଠନର ମୁଖ୍ୟମାନଙ୍କ ସହ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି।

## ରକ୍ତଦାନ ଶିବିରର ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,(ପିଏନ): ବେଗୁନିଆ ଥାନା ଅନ୍ତର୍ଗତ ଗେଡିଆପଲ୍ଲୀ ପଂଚାୟତ ଗୌଡ ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଆସନ୍ତା ୧ତାରିଖ ଉତ୍କଳ ଦିବସ ଅବସରରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରକ୍ତ ଭଣ୍ଡାରରେ ରକ୍ତ ଅଭାବର ପୂରଣ ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି। ଏ ନେଇ ସମାଜସେବୀ ରଶ୍ମିତା ପ୍ରଧାନଙ୍କ ଆବାହକତ୍ୱ ଓ ପୂର୍ଣ୍ଣ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ସ୍ଥାନୀୟ ଅଂଚଳର ସ୍ୱେଚ୍ଛାକୃତ ରକ୍ତଦାତା ମାନେ ଯୋଗ ଦେଇ ନିଜର ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ପରିଚାଳନା କରିଥିଲେ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି। ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ। କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା। ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ। ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ। ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି। ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି। ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି। ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି। ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି। ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଲବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସ୍‌ୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି। ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି। ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି। ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଣ୍ଟିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢେଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢେଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା। ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକର୍ତ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି। ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେଣ୍ଟ ସ୍କାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି। ଏସିଏଫ୍ ଅଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ। ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି।



# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରିକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲାପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଢକ୍ତଙ୍କକ୍ସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।




# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ କଥିତ ତୁମକୁ କହୁଛି



'ମୋର ଇଚ୍ଛାଟିକୁ ତୁମ୍ଭମାନଙ୍କର ଇଚ୍ଛା କରିନିଅ'। ମୁଁ ବିଶ୍ୱାସ କରେ, ମୁଁ ଯେପରି - ଯେପରି ଇଚ୍ଛା କରେ ଠିକ୍ ସେହିପରି - ସେହିପରି ହିଁ ହୋଇ ପାରିବ, ଅବଶ୍ୟ ଆପଣମାନେ ଯଦି ମୋର ଇଚ୍ଛାକୁ ଆପଣମାନଙ୍କର ଇଚ୍ଛା କରି ନିଅନ୍ତି। ମୋର ଇଚ୍ଛାପରି କାର୍ଯ୍ୟ କରିବେ, ଆଉ ତା ମଧ୍ୟରେ ଆପଣମାନଙ୍କର ବ୍ୟକ୍ତିଗତ ଇଚ୍ଛାଗୁଡ଼ିକ, ସ୍ୱାର୍ଥ, ପ୍ରୟୋଜନ, ପ୍ରବୃତ୍ତି ଓ ଖିଆଲ ଗୁଡ଼ିକ ସ୍ୱତନ୍ତ୍ର ଭାବରେ ସାବୁଳ ଚଳାଉ ଥିବେ, ସେଥିରେ କିନ୍ତୁ ହେବନାହିଁ। ଆପଣମାନଙ୍କ ମଧ୍ୟରେ ଯାହା କିଛି ଅଛି ତାର ପ୍ରତ୍ୟେକଟିକୁ ଅଲଗା ଭାବରେ ଏବଂ ସବୁଗୁଡ଼ିକୁ ସାମଗ୍ରିକ ଭାବରେ ମୋ ଇଚ୍ଛା ସଙ୍ଗରେ ସଙ୍ଗତିଶୀଳ ହୋଇ ଉଠିବା ଆବଶ୍ୟକ। ତୁମର ରକ୍ତର ଗୋଟିଏ କଣା, ଶରୀରର ଗୋଟିଏ କୋଷ ବା ଇଚ୍ଛାର ଗୋଟିଏ ଅଂଶ ବା ଅଣୁ ଯଦି ଥାଏ, ଯାହା ମୋ ଇଚ୍ଛା ପରିପୂରଣରେ ସକ୍ରିୟ ଭାବରେ ଆଗ୍ରହଶୀଳ ହୋଇଉଠେ ନାହିଁ, ତାହା ହିଁ ଦିନେ ମସ୍ତବଡ଼ ବାଧା ସୃଷ୍ଟି କରିପାରେ। ଏହି ବାଧାର ଅପସାରଣ ଯାହା ମଧ୍ୟରେ ହୋଇ ଯାଇଛି, ତା ପାଖରେ କୌଣସି କର୍ମ ବା କାଣ୍ଡ ଅସାଧ୍ୟ ନାହିଁ। ଏହିପରି ଯିଏ, ସେ ନିରହଙ୍କାର ହୋଇ ଯନ୍ତ୍ର ସ୍ୱରୂପ କାର୍ଯ୍ୟ କରିପାରେ। ପରମପିତା ତାକୁ ନିତ୍ୟ ଶକ୍ତିର ଯୋଗାଣ ଦିଅନ୍ତି। ସେ ଭାବେ ନା - ମୁଁ ପାରିବି କି - ନା' ସେ ଜାଣେ ଯେ ତା ନକରିଲେ ନ ହୁଏ। ତେଣୁ କରି ହିଁ ଚାଲେ ଏବଂ ପାରେ ମଧ୍ୟ ପୁନଶ୍ଚ ତାର ସେହି ଆକୁଳତା ବହୁ ଲୋକଙ୍କୁ ଜଡ଼ାଇ ତୋଳେ ବା ଅନୁପ୍ରାଣୀତ କରାଏ। ସେ ନିଜେ ଯାହା ପାରେ ନା, ଅନ୍ୟର ସାହାଯ୍ୟରେ ତାହା କରେ। ତେଣୁ ଆପଣମାନେ ମଝିରେ ଫାଙ୍କ ବା ଫାଙ୍କି ନେଇ ଚାଲିବେ ନାହିଁ, ତାହେଲେ ନିଜେ ମଧ୍ୟ ଠକିବେ, ମୋତେ ମଧ୍ୟ ଠକାଇବେ। ଆପଣମାନଙ୍କର ଠକିବା ହିଁ ମୋର ଠକିବା, ତା ବ୍ୟତୀତ ମୋର ନିଜର ଠକିବା - ଜିତିବା ବୋଲି ଆଉ କିଛି ନାହିଁ। ଏଥର ଆପଣମାନେ ସବୁ ଭାବରେ ଜିତି ଉଠନ୍ତୁ ଦେଖିବାକୁ ଚାହେଁ, ଆପଣମାନେ ମୋ ସହିତ ସହଯୋଗିତା କରି ସେହି ସୁଯୋଗ ଟିକକ ମୋତେ ଦିଅନ୍ତୁ - ଏହା ହିଁ ମୋର ଭିକ୍ଷା ଆପଣମାନଙ୍କ ନିକଟରେ। ବ୍ରାହ୍ମୀଚଳନ ତୁମ୍ଭମାନଙ୍କର ଚରିତ୍ରଗତ ହେଉ: ସଂଗଠନର ପ୍ରାଣ ହିଁ ହେଲା ଏକ ପ୍ରାଣତା ବା ଆଦର୍ଶ ପ୍ରାଣତା। ତୁମ୍ଭେମାନେ ଆଦର୍ଶ ପ୍ରାଣତାରେ ଉଦ୍‌ବୁଦ୍ଧ ହୋଇ ତତ୍‌ସ୍ୱାର୍ଥ ପ୍ରତିଷ୍ଠାରେ ସକ୍ରିୟ ସ୍ୱାର୍ଥାନ୍ୱିତ ହୋଇ ଅନ୍ୟକୁ ମଧ୍ୟ ଯେତେ ସେହିପରି କରିତୋଳି ପାରିବ - ପ୍ରତ୍ୟେକଙ୍କର ବୈଶିଷ୍ଟ୍ୟକୁ ଅକ୍ଷୁର୍ଣ୍ଣ ରଖି, - ସେତେ ହିଁ ତୁମ୍ଭେମାନେ ସଂଗଠିତ ହୋଇ ଉଠିବ। ନିଜର ବ୍ୟକ୍ତିତ୍ୱ ଆଦର୍ଶାନୁପୂରଣରେ ସୁସଂହତ ଓ ସୁସଂଗଠିତ ନ ହେଲେ, ଅନ୍ୟକୁ ମଧ୍ୟ ସଂହତ ଓ ସଂଗଠିତ କରାଯାଏ ନାହିଁ। ତେଣୁ କହେଁ, ସଂହତ ଓ ସଂଗଠିତ ଚରିତ୍ରସମ୍ପନ୍ନ ହୁଅ, ସେତେବେଳେ ସମଗ୍ର ବିଚ୍ଛିନ୍ନ ଦୁନିଆଟାକୁ ହିଁ ତୁମେ ସଂଗଠିତ କରି ପାରିବ, ସେତେବେଳେ ତୁମର ଅଭାବ କେଉଁଠାରେ? ସେତେବେଳେ ଦେଖିବ, ପ୍ରତ୍ୟେକଙ୍କର ହାତ ତୁମର ହାତ, ପ୍ରତ୍ୟେକଙ୍କର ମଥା ତୁମର ମଥା, ପ୍ରତ୍ୟେକଙ୍କର ଶକ୍ତି ସମ୍ପଦ ତୁମର ମଧ୍ୟ ଶକ୍ତି-ସମ୍ପଦ, ଏକା ତୁମେ ବହୁ ହୋଇଅଛ,- ଏହି ପ୍ରକାର ପ୍ରତ୍ୟେକେ - ପରସ୍ପରର ହୋଇ ଉଠିବେ, ସେତେବେଳେ ଆଉ ଶକ୍ତି - ସାମର୍ଥ୍ୟର କମତି - କେଉଁଠାରେ? ସମବେତ ଇଚ୍ଛାର ଅଭ୍ୟୁତ୍‌ଥାନ ଆପେ ଆପେ ହିଁ ହୋଇ ଉଠେ। ଏହାକୁ ହିଁ କହନ୍ତି ଭୂମାୟିତ ଜୀବନ, ଏହାକୁ ହିଁ କହନ୍ତି ବ୍ରହ୍ମାନୁଭୂତି। ଏହି ବ୍ରାହ୍ମୀଚଳନ ତୁମ୍ଭମାନଙ୍କର ଚରିତ୍ରଗତ ହେଉ। 'ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମଚେତସା, ନିରାଶୀ ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତ ଜ୍ୱରଃ।' ନିଜସ୍ୱ କ୍ଷୁଦ୍ର - କ୍ଷୁଦ୍ର ସ୍ୱାର୍ଥ, ପ୍ରତ୍ୟାଶା ଓ ମମତ୍ତ୍ୱ ମୋହରେ ଅଟକି ରହି ନିଜ ନିଜକୁ ବୃହତ୍ ଜୀବନ ଠାରୁ ବଞ୍ଚିତ କରନାହିଁ।

**ପ୍ରଫେସର ଡାକ୍ତର ମଞ୍ଜୁଶ୍ରୀ ନାୟକ**
*ବିଭାଗୀୟ ମୁଖ୍ୟ, ପିଆରଏମ୍ ମେଡ଼ିକାଲ କଲେଜ, ବାରିପଦା, ଦୂରଭାଷ: ୯୩୩୮୧୦୦୮୩୭*

# ମଦ୍ୟପାନ ଜନିତ ସଡ଼କ ଦୁର୍ଘଟଣାରେ ଲାଗୁନି ବ୍ରେକ୍, ପ୍ରତିବର୍ଷ ଯାଉଛି ଶତାଧିକ ଜୀବନ



ରାଜ୍ୟରେ ଯେତିକି ପରିମାଣରେ ସଡ଼କ ଦୁର୍ଘଟଣା ହେଉଛି ଏହାର ତ ବିଭିନ୍ନ କାରଣ ରହିଛି ତେବେ ଏହାର ବଡ଼ କାରଣ ହେଉଛି ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା। ରାଜ୍ୟରେ ବର୍ଦ୍ଧିତ ସଡ଼କ ଦୁର୍ଘଟଣା ପରିପ୍ରେକ୍ଷୀରେ ମଦ୍ୟପ ଗାଡ଼ି ଚାଳକଙ୍କ ଉପରେ ଲଗାମ କଷିବା ଆହୁରି ଜରୁରୀ ହୋଇଛି। ମଦ୍ୟପ ଗାଡ଼ି ଚାଳନ ନା କେବଳ ନିଜ ନୁହେଁ ଅନ୍ୟ ନିରୀହ ଲୋକଙ୍କ ଜୀବନ ପାଇଁ ବିପଦ ସୃଷ୍ଟି କରୁଛନ୍ତି। ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ୨୦୨୦ ରେ ୬୪୮ଟି ମଦ୍ୟପାନ ଜନିତ ସଡ଼କ ଦୁର୍ଘଟଣା ଘଟିଛି ଆଉ ସେଥିରେ ୨୯୮ ଜଣ ପ୍ରାଣ ହରାଇଛନ୍ତି। ୨୦୨୧ରେ ମଧ୍ୟ ପ୍ରାୟତଃ ସମାନ ସଂଖ୍ୟକ ଦୁର୍ଘଟଣା ଘଟିଛି। ସଡ଼କ ଦୁର୍ଘଟଣା ଏବଂ ମୃତାହତ ସଂଖ୍ୟା ହ୍ରାସ କରିବା ଦିଗରେ ପରିବହନ ବିଭାଗ ଅନେକ ଆହ୍ୱାନର ସମ୍ମୁଖୀନ ହେଉଥିଲା ବେଳେ ମଦ୍ୟପ ଗାଡ଼ି ଚାଳକ ଆଉ ଏକ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି। ୨୦୧୯ରେ ମଦ୍ୟପାନ ଜନିତ ସଡ଼କ ଦୁର୍ଘଟଣା ଓ ମୃତ୍ୟୁରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଥିଲା। ୨୦୧୮ରେ ମଦ୍ୟପାନ ଜନିତ ସଡ଼କ ଦୁର୍ଘଟଣାରେ ୫୫୫ ଜଣ ପ୍ରାଣ ହରାଇଥିଲେ। ସେହି ବର୍ଷ ରାଜ୍ୟରେ ସମୁଦାୟ ୧୧,୨୩୮ ଟି ସଡ଼କ ଦୁର୍ଘଟଣା ଘଟିଥିଲା ଏବଂ ୨୦୧୭ରେ ଏହି ସଂଖ୍ୟା ୧୦,୮୫୫ରେ ସୀମିତ ରହିଥିଲା। ୯୦ ପ୍ରତିଶତ ସଡ଼କ ଦୁର୍ଘଟଣା ଅବହେଳା ଏବଂ ଅସାବଧାନତା ହେତୁ ଘଟୁଥିବା ବେଳେ ମୃତକଙ୍କ ମଧ୍ୟରେ ୭୫ ପ୍ରତିଶତ ହେଉଛନ୍ତି ଯୁବ ବର୍ଗ। ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସବୁମତେ ଉଦ୍ୟମ କରାଯାଉଛି। କିନ୍ତୁ ଲୋକଙ୍କ ଖାମଖିଆଲି ନୀତି ଓ ସଚେତନତା ଅଭାବ ପାଇଁ ଗତ ଚାରି ବର୍ଷ ମଧ୍ୟରେ ୧୮ ହଜାର ଲୋକଙ୍କ ପ୍ରାଣ ଯାଇଛି। ମୋଟର ଯାନ ଆଇନ ଧାରା ୧୮୫ ଅନୁସାରେ ମଦ୍ୟପାନ କରି ଗାଡ଼ି ଚଳାଇଲେ ଚାଳକଙ୍କୁ ଗିରଫ କରିବା ପ୍ରାବଧାନ ରହିଛି। ଗରିଫ ମଦ୍ୟପ ଗାଡ଼ି ଚାଳକଙ୍କୁ ୬ ମାସ ପର୍ଯ୍ୟନ୍ତ କାରାଦଣ୍ଡ ଓ ୧୦ ହଜାର ଜୋରିମାନା ବ୍ୟବସ୍ଥା ରହିଛି। ଦ୍ୱିତୀୟ ବାର ଧରାପଡ଼ିଲେ ଦୁଇବର୍ଷ ଜେଲ ଏବଂ ୧୫ ହଜାର ଟଙ୍କା ଜୋରିମାନା ବ୍ୟବସ୍ଥା ଅଛି। ଗତବର୍ଷ ଏପ୍ରିଲ ମାସରୁ ଏହି ନିୟମ ଲାଗୁ କରାଯାଇଛି। ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ବାତିଲ କରାଯାଇ ପାରିବ। ପୁଲିସ, ପରିବହନ ବିଭାଗ ପକ୍ଷରୁ ଧରପଗଡ଼ କରାଯାଇ ରାଜ୍ୟରେ ଦୈନନ୍ଦିନ ଶତାଧିକ ଲୋକଙ୍କୁ ଗିରଫ କରାଯାଉଛି। ମଦ୍ୟପ ଗାଡ଼ି ଚାଳକଙ୍କୁ ଧରିବା ପାଇଁ ସଡ଼କ ସୁରକ୍ଷା ପାଣ୍ଠିରୁ ସବୁ ଥାନାକୁ ବ୍ରିଦ ଆନାଲାଇଜର ଯୋଗାଇ ଦିଆଯାଇଛି। ୨୦୧୯ରେ ବିଭିନ୍ନ ଜିଲ୍ଲାରୁ ୮୫୮୩ ମଦ୍ୟପ ଗାଡ଼ି ଚାଳକ ଧରାପଡ଼ିଥିଲେ। ଗତ ଦୁଇ ବର୍ଷ ହେଲା ଏହି ସଂଖ୍ୟା ୧୨ ହଜାରରୁ ଅଧିକ ରହିଛି। ସମୁଦାୟ ଦୁର୍ଘଟଣା ଜନିତ ମୃତ୍ୟୁ ୨୦ ପ୍ରତିଶତ ମଦ୍ୟପାନ ହେତୁ ଘଟୁଛି। ଜାତୀୟ ରାଜପଥରେ ସର୍ବାଧିକ ଦୁର୍ଘଟଣା ଘଟୁଛି। ସହରାଞ୍ଚଳ ମଧ୍ୟରେ ପୁଲିସ ଘନ ଘନ ଯାଞ୍ଚ କରୁଛି, କିନ୍ତୁ ଜାତୀୟ ରାଜପଥ ଉପରେ ନିୟମିତ ଯାଞ୍ଚର ଅଭାବ ରହିଛି। ମଦ୍ୟପାନ ଜନିତ ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ରାଜପଥରୁ ସମସ୍ତ ମଦ ଦୋକାନ ଉଚ୍ଛେଦ କରାଯାଇଛି। କିନ୍ତୁ ଏବେ ବି ଜାତୀୟ ରାଜପଥ କଡ଼ରେ ଅତି ସହଜରେ ମଦ ମିଳିଯାଉଛି। ଏ କ୍ଷେତ୍ରରେ ସରକାରଙ୍କ ଗୁରୁଦାୟିତ୍ୱ ଠାରୁ ଆମ ମାନଙ୍କ ଦାୟିତ୍ୱ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜୀବନ ଥିଲେ ଗାଡ଼ି ଚାଳନା କରିପାରିବେ ଏବଂ ନିଜ ସହ ପରିବାରକୁ ସୁରକ୍ଷିତ ରଖିପାରିବେ। ତେଣୁ ତୁରନ୍ତ ନିଶା ସେବନ ଠାରୁ ଦୂରେଇ ରୁହନ୍ତୁ ଏବଂ ବିଶେଷକରି ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରି ନିଜ ଜୀବନକୁ ସଂକଟାପନ୍ନ କରିବା ସହ ଅନ୍ୟମାନଙ୍କ ପାଇଁ ବିପଦର କାରଣ ପାଲଟନ୍ତୁ ନାହିଁ।

**ନାଟ୍ୟସାରଥି ଅଭୟ କୁମାର ଦାସ**
*ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭*

## ମନସୁଖଲାଲ ସେଠିଆ ଆରଏସଏସର ନୂତନ ସହପ୍ରାନ୍ତ କାର୍ଯ୍ୟବାହ

ଭୁବନେଶ୍ୱର (ପିଏନ୍): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ପ୍ରତିନିଧି ସଭା ବୈଠକ ଗୁଜୁରାଟର କର୍ଣ୍ଣବତୀ ଠାରେ ଗତ ମାର୍ଚ୍ଚ ୧୧ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମନସୁଖଲାଲ ସେଠିଆଙ୍କୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୁର୍ବ ପ୍ରାନ୍ତର ସହପ୍ରାନ୍ତ କାର୍ଯ୍ୟବାହ (ରାଜ୍ୟ ସହସାଧାରଣ ସଂପାଦକ)ଭାବରେ ସରକାର୍ଯ୍ୟବାହ ଶ୍ରୀ ଦତାତ୍ରେୟ ହୋସଓ୍ୱାଲେ ଦାୟିତ୍ୱ ଅର୍ପଣ କରିଛନ୍ତି। ଶ୍ରୀ ସେଠିଆ ବାଲ୍ୟାବସ୍ଥାରୁ ସ୍ୱୟଂସେବକ, ସଂଘର ବିଭିନ୍ନ ପଦପଦବୀରେ ରହିବା ସହିତ ଓଡିଶା ପ୍ରାନ୍ତର ବ୍ୟବସ୍ଥା ପ୍ରମୁଖ ଥିଲେ। ଜରୁରୀକାଳୀନ ପରିସ୍ଥିତି ସମୟରେ ସେ କାରାବରଣ କରିଥିଲେ। ବର୍ତମାନ ସେ ତେରାପନ୍ଥ ସମାଜର ଅଖିଳ ଭାରତୀୟ ସଭାପତି ମଧ୍ୟ ଅଛନ୍ତି। ଏହି ବୈଠକରେ ଓଡିଶା ପ୍ରାନ୍ତରୁ ୨୫ ଜଣ ପ୍ରତିନିଧି ଯୋଗଦେଇଥିଲେ ବୋଲି ସଂଘର ଓଡିଶା ପୂର୍ବ ପ୍ରାନ୍ତର ପ୍ରଚାର ପ୍ରମୁଖ ଶ୍ରୀ ରବିନାରାୟଣ ପଣ୍ଡା ପ୍ରକାଶ କରିଛନ୍ତି।

# ରାଜ୍ୟର ଶିଳ୍ପ ବିକାଶ ଓ ପ୍ରଗତିରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ



ଓଡ଼ିଶା ସରକାର ରାଜ୍ୟରେ ଶିଳ୍ପ ବିକାଶ ଓ ପ୍ରଗତି ପାଇଁ ବିନା କେନ୍ଦ୍ରୀୟ ସହାୟତା ଦ୍ୱାରା ଅନେକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଆର୍ଥିକ ବର୍ଷ ୨୦୨୧-୨୨ରେ ମହାନଦୀ କୋଲଫିଲ୍ଡ ଲିମିଟେଡ ଦେଶର ସର୍ବାଧିକ କୋଇଲା ଉତ୍ପାଦନକାରୀ କମ୍ପାନୀ ଭାବେ ବିବେଚିତ ହୋଇଛି। ସୂଚନାଥାଉକି ଚଳିତ ମାସ ୧୨ ତାରିଖ ସୁଦ୍ଧା ଏମସିଏଲ ୧୫୭.୭ ନିୟୁତ ଟନ କୋଇଲା ଉତ୍ପାଦନ କରିଛି, ଯାହା ପୂର୍ବବର୍ଷ ତୁଳନାରେ ପ୍ରାୟ ୧୬% ଅଧିକ। ଏହା ସତ୍ତ୍ୱେ ଓଡ଼ିଶାରୁ ଉତ୍ପାଦିତ କୋଇଲାରୁ ରାଜ୍ୟର ଶିଳ୍ପ ସଂସ୍ଥାଗୁଡ଼ିକୁ କୋଇଲା ମିଳିବା ସମ୍ଭବ ହେଉନାହିଁ।

ଓଡ଼ିଶାରୁ କୋଇଲା ସାରା ଦେଶକୁ ରପ୍ତାନୀ ହେଉଛି। କେନ୍ଦ୍ର ସରକାରଙ୍କ ସୂଚନା ଅନୁସାରେ ରାଜ୍ୟରୁ ଉତ୍ପାଦିତ କୋଇଲାର ୫୪% ଅନ୍ୟ ରାଜ୍ୟର ତାପଜ ବିଦ୍ୟୁତ କେନ୍ଦ୍ର ଓ ଶିଳ୍ପ ସଂସ୍ଥାକୁ ଚାଲାଣ ହେଉଛି। ମାତ୍ର ରାଜ୍ୟର ଶିଳ୍ପ ସଂସ୍ଥାକୁ କୋଇଲା ଯୋଗାଇବା ପାଇଁ କୋଇଲା ମନ୍ତ୍ରଣାଳୟ ଓ ଏମସିଏଲ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଯାହାଫଳରେ ରାଜ୍ୟର ପାଞ୍ଚ ହଜାର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଟିଏ ପଟେ ରାଜ୍ୟର କୋଇଲା ଭିତ୍ତିକ ଶିଳ୍ପାନୁଷ୍ଠାନଗୁଡ଼ିକ ନିଜ ହକ ପାଇବାରୁ ବଞ୍ଚିତ ହେଉଥିବାବେଳେ ଅନ୍ୟପଟରେ କୋଇଲା ବାବଦରେ ଓଡ଼ିଶାର ହକ ବାବଦ ରାଜସ୍ୱ ପ୍ରଦାନ କରିବାକୁ କେନ୍ଦ୍ର ଉଚିତ ମଣୁନାହିଁ। ୨୦୧୭ ମସିହାରୁ ରାଜ୍ୟ ସରକାର ନିଜର ହକ ମୁତାବକ କୋଇଲା ରୟାଲଟିରେ ସଂଶୋଧନ ସହ ବୃଦ୍ଧି କରିବାକୁ କେନ୍ଦ୍ର ନିକଟରେ ବାରମ୍ବାର ଦାବି କରୁ ଆସୁଛନ୍ତି। ମାତ୍ର କେନ୍ଦ୍ର ଏ ନେଇ କର୍ଣ୍ଣପାତ କରୁନଥିବା ବେଳେ ଓଲଟା ଓଡ଼ିଶା କୋଇଲାର ସିଂହଭାଗ ନେଇଯାଉଛି। ବିଡ଼ମ୍ବନା ହେଉଛି କୋଇଲାରୁ ସଂଗୃହୀତ ସେସରୁ ମଧ୍ୟ ଓଡ଼ିଶା ଟଙ୍କାଟିଏ ବି ଭାଗ ପାଉନାହିଁ। ଯାହାଫଳରେ ରାଜ୍ୟ ପ୍ରତିବର୍ଷ ପାଖାପାଖି ପାଞ୍ଚ ହଜାର କୋଟି ଟଙ୍କା କ୍ଷତି ସହୁଛି। ଉଭୟ ଦିଗରୁ ଓଡ଼ିଶା କ୍ଷତିଗ୍ରସ୍ତ ହେଉଥିବାବେଳେ ଅନ୍ୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଓଡ଼ିଶାର କୋଇଲାରୁ ନିଜ ଫାଇଦା ହାସଲ କରୁଛନ୍ତି। ଓଡ଼ିଶା ପ୍ରତି କେନ୍ଦ୍ରର ଏ ପ୍ରକାର ବୈମାତୃକ ମନୋଭାବ କେତେ ଦିନ ଚାଲିବ ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଲାଣି। ନିକଟରେ ଓଡ଼ିଶା ଆସେମ୍ବଲି ଅଫ ସ୍ମଲ ଏଣ୍ଡ ମିଡ଼ିୟମ ଏଣ୍ଟରପ୍ରାଇଜେସ ପକ୍ଷରୁ ରାଜ୍ୟରେ ଗୁରୁତର କୋଇଲା ସଙ୍କଟ ନେଇ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲା। ଏନେଇ ଚିଠିରେ ସେମାନେ ଦର୍ଶାଇଥିଲେ ଯେ ଦେଶର ମୋଟ କୋଇଲାର ୨୫ ଭାଗ ଓଡ଼ିଶାରେ ଗଚ୍ଛିତ ଥିବାବେଳେ ଏମଏସିଏଲରୁ ଉତ୍ପାଦିତ କୋଇଲାର ମୋଟ ୫୪ ପ୍ରତିଶତ ଅନ୍ୟ ରାଜ୍ୟକୁ ଯୋଗାଣ କରାଯାଉଛି। ମାତ୍ର ୪୬ ପ୍ରତିଶତ କୋଇଲା ରାଜ୍ୟର ସ୍ଥାନୀ ଶିଳ୍ପାନୁଷ୍ଠାନଗୁଡ଼ିକୁ ଯୋଗାଇ ଦିଆଯାଉଛି। ସ୍ଥାନୀୟ ସିପିପି (କ୍ୟାପ୍ଟିଭ ପାଓ୍ୱାର ପ୍ଲାଣ୍ଟ) ପାଇଁ ୬୫ ପ୍ରତିଶତ କୋଇଲାର ଆବଶ୍ୟକତା ରହିଥିଲାବେଳେ ତାହା ସଠିକ ଭାବେ ଆପୂର୍ତ୍ତି ହୋଇପାରୁନାହିଁ। କୋଇଲାର ଏପରି ଗୁରୁତର ସଙ୍କଟ ରାଜ୍ୟର ଉତ୍ପାଦନ କ୍ଷେତ୍ରକୁ ଗୁରୁତର ଭାବେ ପ୍ରଭାବିତ କରୁଥିବାବେଳେ ଏମଏସଏମଇ ଗୁଡ଼ିକ ବନ୍ଦ ହେବା ପରିସ୍ଥିତିକୁ ଆସିଲାଣି। ଯଦି ପରିସ୍ଥିତିକୁ ସଠିକ ସମୟରେ ଆୟତ୍ତ କରାନଯାଏ ତାହେଲେ ରାଜ୍ୟର ପ୍ରାୟ ୫୦୦୦ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପାନୁଷ୍ଠାନ ବନ୍ଦ ହୋଇଯିବାର ସମ୍ଭାବନା ରହିଛି। ତେଣୁ ପ୍ରଧାନମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଉଭୟ କୋଇଲା ଏବଂ କୋଲ ରେକର ଯେପରି ଶତ ପ୍ରତିଶତ ଯୋଗାଣ ହୋଇପାରିବ ସେ ନେଇ ଦୃଷ୍ଟି ଦେବାକୁ ଦାବି ଓଏଏସଏମଇ ପକ୍ଷରୁ ଅନୁରୋଧ କରାଯାଇଛି। ରାଜ୍ୟରେ ଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବା ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକୁ ସହାୟତା ପ୍ରଦାନ କରିବା ଲାଗି ରାଜ୍ୟ ଶିଳ୍ପ ଓ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବଡ଼ ଶିଳ୍ପ ସଂସ୍ଥାଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ବିଶେଷକରି ଯୁବବର୍ଗମାନେ ଏପରି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ କର୍ମ ସଂସ୍ଥାନ ପାଇବେ ଏହାପାଇଁ ଦିବ୍ୟଶଙ୍କର ବାବୁ ଗୁରୁତ୍ୱ ଓ ଆନ୍ତରିକତା ରଖୁଛନ୍ତି। ଓଡ଼ିଶା ବିଜେଡ଼ିର ଜଣେ ପୋଷ୍ଟର ବୟ ଓ ଆଗଧାଡ଼ିର ନେତା ଭାବେ ତାଙ୍କର ଦଳ ପ୍ରତି ମଧ୍ୟ ଅନେକ ଅବଦାନ ରହିଛି। ଜଣେ ଦେଶ ମାତୃକାର ସେବାରେ ସେ କ୍ୟାପଟେନ ଭାବେ ଗୁରୁଦାୟିତ୍ୱ ନିର୍ବାହ କରିଥିଲେ। ପରବର୍ତ୍ତୀ ସମୟରେ ନିଜକୁ ବିଜେଡ଼ିରେ ସାମିଲ କରି ସେ ଓଡ଼ିଶାର ଶିଳ୍ପ ଭବିଷ୍ୟତକୁ ଆଗେଇବା ପାଇଁ ନବୀନ ବାବୁଙ୍କ ଆନ୍ତରିକ ଓ ଲୋକପ୍ରିୟ ଯୋଜନାକୁ କାର୍ଯ୍ୟକାରୀ କରୁଛନ୍ତି।

ରାଜ୍ୟକୁ ଶିଳ୍ପ ସମୃଦ୍ଧ ଭାବେ ଗଢ଼ି ତୋଳିବା ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ରାଜ୍ୟରେ ପ୍ରତି ବର୍ଷ କୋଇଲା ଉତ୍ପାଦନରେ ରେକର୍ଡ଼ ପରେ ରେକର୍ଡ଼ ସୃଷ୍ଟି ହୋଇ ଚାଲିଛି। ମାତ୍ର ଦୁଃଖର ବିଷୟ ଏହିକି ଯେ ଆମ ରାଜ୍ୟର କୋଇଲା ଆମ ରାଜ୍ୟର ଶିଳ୍ପାନୁଷ୍ଠାନକୁ ମିଳିପାରୁନାହିଁ। ଆମେ ଭିକ ମାଗିଲା ପରି କୋଇଲା ପାଇଁ ଭିକଥାଳି ଧରି ବୁଲୁଛୁ। ଯାହାଫଳରେ ସ୍ଥାନୀୟ କୋଇଲା ଭିତ୍ତିକ ଶିଳ୍ପାନୁଷ୍ଠାନ ବନ୍ଦ ହେବାକୁ ବସିଲାଣି। ତେଣୁ ସରକାରଙ୍କୁ ଏତକ ଅନୁରୋଧ ରାଜ୍ୟର ଶିଳ୍ପାନୁଷ୍ଠାନଗୁଡ଼ିକ ପାଇଁ ବାର୍ଷିକ ଆବଶ୍ୟକତା ଅନୁଯାୟୀ ଏକ ବାର୍ଷିକ କୋଟା ନିର୍ଦ୍ଧାରଣ କରାଯାଉ। ତଦନୁଯାୟୀ କୋଇଲା ଅଗ୍ରାଧିକାର ଭିତ୍ତିରେ ରାଜ୍ୟକୁ ଯୋଗାଇ ଦିଆଯାଉ। ସେହିପରି କୋଇଲା ଦରକୁ ମଧ୍ୟ ନିୟନ୍ତ୍ରଣ କରିବାକୁ ସେ ଦାବି କରିଛନ୍ତି। ଅପରପକ୍ଷେ ତଥ୍ୟଭିତ୍ତିକ ମହଲ ଏପରି ଘଟଣାରେ ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ରାଜ୍ୟର ଶିଳ୍ପାନୁଷ୍ଠାନଗୁଡ଼ିକୁ ନିରନ୍ତର କୋଇଲା ଯୋଗାଣ ନିଶ୍ଚିତ ସରକାର ପଦକ୍ଷେପ ନେବାକୁ ଦାବି କରିଛନ୍ତି।

**ବାଦଲ ଭୂୟାଁ**, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ: ୭୪୮୮୯୯୮୫୩୨, E-mail : badal009bhuyan@gmail.com

## ପଞ୍ଚବଟୀ ପଞ୍ଚୁ ଦୋଳ ମେଳଣ ଉଦ୍‌ଯାପିତ

ଫୁଲନଖରା (ପିଏନ୍)-ପାହାଳ ଥାନା ଜୟରଶାସନ ଅଧିନ ପଞ୍ଚବଟୀଠାରେ ପ୍ରସିଦ୍ଧ ପଞ୍ଚୁଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ପଞ୍ଚବଟୀ ବଟେଶ୍ୱର ମନ୍ଦିର ନିକଟ ମେଳଣ ପଡ଼ିଆରେ ଆୟୋଜିତ



ଏହି ୫୫ତମ ବାର୍ଷିକ ଉତ୍ସବରେ ଜୟରଶାସନ, ଗୁଆଳି, ଜଗନ୍ନାଥପୁର, ଗୋହଳ ଓ ଚାରିଘରିଆ ଗ୍ରାମର ସୁସଜ୍ଜିତ ଦୋଳ ବିମାନଗୁଡ଼ିକ ବାଜା, ନାଗା, ଘୋଡ଼ା, ବୁଢ଼ାବୁଢ଼ି ଓ ରୋଷଣି ଶୋଭାଯାତ୍ରାରେ ତ୍ରିନାଥବଜାରଠାରୁ ବାହାରି ଜୟରଶାସନସ୍ଥିତ ଶ୍ରୀଶ୍ରୀ ବଟେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ସେଠାରେ ଠାକୁରଙ୍କ ପୂଜାର୍ଚ୍ଚନା ହୋଇଥିଲା। ମନ୍ଦିର ପରିସରସ୍ଥ ମଣ୍ଡପରେ ୨୫ ମଣ୍ଡଳଙ୍କଦ୍ୱାରା ଓଡ଼ିଶୀ ନାମ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ମୀନା ବଜାରରେ ଶତାଧିକ ଅସ୍ଥାୟୀ ଦୋକାନ ସହିତ ବିଭିନ୍ନ ଅନୁଷ୍ଠାନ ତରଫରୁ ଷ୍ଟଲ ଖୋଲାଯାଇଥିଲା। ସଂଧ୍ୟାରେ ମୀନାବଜାରରେ ସହସ୍ରାଧିକ ଲୋକଙ୍କ ସମାଗମ ହୋଇଥିଲା। ସୁବଳ ସାହୁ, ମାଗୁଣି ସାହୁ, କେଳୁଚରଣ ଖୁଣ୍ଟିଆ, ଯୁଧିଷ୍ଠିର ପରିଡା, ମୁରଲୀଧର ପଣ୍ଡା, ସନାତନ ପରିଡା, ମହେଶ୍ୱର ଦାସ, ଭବାନୀଶଙ୍କର ପାତ୍ର, ହର୍ଷବର୍ଦ୍ଧନ ସାହୁ, ବିଜୟ ବାରିକ ପ୍ରମୁଖ ଶାି କମିଟି କର୍ମକର୍ତ୍ତା ଓ ସଦସ୍ୟମାନେ ମେଳଣ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲାବେଳେ ପାହାଳ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ନେତୃତ୍ୱରେ ପୁଲିସ ବାହିନୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲା।

# ଖୋର୍ଦ୍ଧା ଓ ଜଟଣୀ ତହସିଲ ଅଧିନରେ ଚାଲିଛି ବେଆଇନ ମାଙ୍କଡ଼ା ପଥର ଖଣି ଓ ମୋରମ ଚୋରା ଚାଲାଣ



ଖୋର୍ଦ୍ଧା (ପିଏନ୍): ରାଜସ୍ୱ ବିଭାଗର ଜ୍ଞାତ ସାରରେ ଚାଲିଛି ମାଙ୍କଡ଼ା ପଥର ଓ ମୋରମ ଚୋରା ଚାଲାଣ। ସବୁ ଜାଣି ଚୁପ ବସୁଛନ୍ତି ଜିଲ୍ଲା ପ୍ରଶାସନ ଓ ପୁଲିସ। କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ରାଜ୍ୟ ସରକାର। ରାତିରେ ବେଧଡ଼କ ଚାଲିଛି ଚୋରା ଚାଲଣ ଦିନ ହେଲେ ସବୁ ବନ୍ଦ। ଏଥିରେ ରୋକ ଲଗାଇବାକୁ ଜିଲ୍ଲା ପାଳ ଆରମ୍ଭ କରିଛନ୍ତି ସ୍ୱତନ୍ତ୍ର ରଣ କୌଶଳ। ସବୁ କିଛି ପ୍ରଶାସନ ଓ ପୁଲସର ମିଳିତ ସହଯୋଗରେ ଚାଲିଥିବାର କହିଲେ ଖୋରଧା ଓ ଜଟଣୀ ଅଂଚଳର ବାସିନ୍ଦା। ଚୋରା ମୋରମ ଓ ମାଙ୍କଡ଼ା ପଥର ଖଣି ଚୋରିର ଭୂସ୍ୱର୍ଗ ପାଲଟିଛି ଖୋରଧା ଓ ଜଟଣୀ ତହସିଲ ଉଭୟ ତହସିଲରେ ରାତିରେ ସକ୍ରିୟ ଅଛନ୍ତି ଖଣି ମାଫିଆ। ବିନା ସରକାରୀ ନିଲାମରେ ଚାଲିଛି ବେଆଇନ ଖଣିରୁ ଖଣିଜ ପଦାର୍ଥ ଚୋରି। ରାତିରେ ଏମାନେ ସକ୍ରିୟ ହେଉଛନ୍ତି ସକାଳ ହେଲେ ସବୁ କିଛି ସାମାନ୍ୟ ଥିବାର ଦେଖାଉଛନ୍ତି। ଖୋରଧା ତହସିଲ ଅଧିନସ୍ଥ କୁମାରବସ୍ତ, ଟାଙ୍ଗିଆପଡ଼ା, ନିଆଳ, ପାଇକତିଗିରିଆ, ଅରାଙ୍ଗ ପ୍ରଭୃତି ଅଚଂଳରୁ ଶହ ଶହ ସଂଖ୍ୟାରେ ଗାଡ଼ି ଛତାବର, ପିତାପଲ୍ଲୀ ଛକ ଦେଇ ଚନ୍ଦକା ଥାନା ବାଟରେ ପାସ କରୁଛନ୍ତ। ସେହିପରି ଭୁବନେଶ୍ୱର ଆଇ.ଆଇ.ଟି, ଜଟଣୀ ତହସିଲ କାର୍ଯ୍ୟାଳୟ ଠାରେ ମାତ୍ର ୩ଶହ ମିଟର ଦୂରରେ ଥିବା ଖୁଦୁ ପୁର ମୌଜାରୁ ରାତିରେ ଚାଲାଣ ହେଉଛି ଶହ ଶହ ଗାଡ଼ି ମୋରମ। ଏହି ସବୁ ବିଷୟରେ ଜଟଣୀ ପୁଲିସ ଓ ତହସିଲ କର୍ତୃପକ୍ଷ ଜାଣି ମଧ୍ୟ ଚୁପ। ସରକାରଙ୍କ ପାଖରେ ସବୁ କିଛି ଥାଇ ମଧ୍ୟ ଚୁପ ବସିବା ନିନ୍ଦନୀୟ ଘଟଣା ବୋଲି ଖୋରଧାର ଆଇନଜୀବି କହିଛନ୍ତି। ସେହିପରି ସ୍ୱତନ୍ତ୍ର ଖଣି ନୀତି ଏ ସବୁ ଉପରେ ରୋକ ଲଗାଇବାକୁ ଦାବୀ ହେଉଛି। ରାସ୍ତା ଉପରୁ ଗାଡ଼ି ଜବତ ନ କରି ପ୍ରଶାସନ ମଧୁଚନ୍ଦ୍ରିକାରେ ଚାଲିଥିବା ଖଣି ଉପରେ ରେଡ଼ କରି ସେଥିରେ ରୋକ ଲଗାଇବାକୁ ଦାବୀ ହେଉଛି। ଏହି ମାଙ୍କଡ଼ା ପଥର ଓ ମୋରମ ଚୋରା ଚାଲାଣ କାରବାରରେ ଜଟଣୀ ତହସିଲ ଏବଂ ପୌରପରିଷଦର କିଛି ଅସାଧୁ କର୍ମଚ୍ଚରୀ ସଂପୃକ୍ତ ଥିବା ଏବଂ ତାଙ୍କ ସହାୟତାରେ ଜଟଣୀ ତହସିଲଦାରଙ୍କ ଜ୍ଞାତ ସାରରେ ଖଣି ମାଫିଆମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ବେଆଇନ ଚାନ୍ଦା ଆଦାୟ କରାଯାଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଏହି ଦୁର୍ନୀତି ଗ୍ରସ୍ତ ଅଧିକାରୀ ଓ କର୍ମଚ୍ଚରୀ ବିରୋଧରେ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଅନ୍ୟତ୍ର ବଦଳି କରିବାକୁ ଦାବୀ ହେଉଛି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପ୍ରଶାସନକୁ ପଞ୍ଚାୟତକୁ ଡକାଇଲେ ସରପଞ୍ଚ




କେନ୍ଦ୍ରାପଡ଼ା,(ପି.ଏନ): ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନକୁ ପଞ୍ଚାୟତକୁ ଡକାଇଛନ୍ତି ଓସ୍ତପୁର ସରପଞ୍ଚ ପ୍ରସନ୍ନ ରାଉତ। ଏହିଠାରେ ପଞ୍ଚାୟତବାସୀଙ୍କ ବିଭିନ୍ନ ସମସ୍ୟା ଶୁଣିଛି ଉଭୟ ପ୍ରଶାସନ। କେଉଁ ଯୋଗ୍ୟ ହିତାଧିକାରୀ ଭତ୍ତାରୁ ବାଦ ପଡିଛନ୍ତି, କେଉଁ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାର ବାଦ ପଡିଛନ୍ତି ସେମାନଙ୍କ ଠାରୁ ବୟାନ ନେଇ ସେମାନଙ୍କୁ କିପରି ତୁରନ୍ତ ସେବା ଯୋଗାଇ ହେବ ସେ ନେଇ ଜିଲ୍ଲା ପ୍ରଶାସନ ବ୍ଲକ ପ୍ରଶାସନକୁ ନିର୍ଦେଶ ଦେଇଥିଲା। ସେହିପରି କେଉଁ କେଉଁ ଯୋଜନା ପଞ୍ଚାୟତରେ କାର୍ଯ୍ୟକାରୀ ହେବା କଥା ସେ ନେଇ ପ୍ରଶାସନ ଲୋକମାନଙ୍କୁ ଅବଗତ କରିଥିଲା। ଏହି କାର୍ଯ୍ୟକ୍ରମରେ କୃଷି ବିଭାଗ, ମତ୍ସ୍ୟବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ମିଶନ ଶକ୍ତି, ସ୍ୱାସ୍ଥ୍ୟ ବିଭାଗ, ବ୍ୟାଙ୍କ ସେବା ବିଭାଗ ପ୍ରମୁଖର ୧୯ଟି ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବୋଲି ସରପଞ୍ଚ ଶ୍ରୀ ରାଉତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଆମ ପଞ୍ଚାୟତରେ କିପରି ଲୋକମାନେ ଉତ୍ତମ ସେବା ପାଇ ପାରିବେ ସେ ନେଇ ଆମେ ଜିଲ୍ଲା ପ୍ରଶାସନକୁ ନିବେଦନ କରିଥିଲୁ। ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ୧୯ଟି ସରକାରୀ ବିଭାଗ ଆମ ପଞ୍ଚାୟତକୁ ଆସି ଲୋକଙ୍କ ଠାରୁ ବିଭିନ୍ନ ସମସ୍ୟା ଶୁଣିବା ସହ ଏହାର ସମାଧାନର ସୂତ୍ର ବାହାର କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ବିଡିଓ ବନ୍ଦନା ଖଟୁଆ, ଏବିଡିଓ ଅନିରୁଦ୍ଧ ବେହେରା, ତହସିଲଦାର ହେମଲତା ବାହାଲିଆ, ସିଡିପିଓ କବିତା ନାୟକ, ସମିତିସଭ୍ୟା ରାଜ ଅମାନତ, ୧୭ ଜଣ ୱାର୍ଡ ମେମ୍ବର, ନାୟବ ସରପଞ୍ଚ ମମତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟିତ : ଭାଷା ଓ ସାହିତ୍ୟର ବିକାଶ ପାଇଁ ସରକାରୀ ଉଦ୍ୟମ ଆବଶ୍ୟକ

ଭୁବନେଶ୍ୱର, (ପି.ଏନ): ଭାଷା ଓ ସାହିତ୍ୟର ବିକାଶ ପାଇଁ ସରକାରୀ ଉଦ୍ୟମର ଯଥେଷ୍ଟ ଆବଶ୍ୟକତା ରହିଛି। ମା', ମାଟି ଓ ମାତୃଭାଷା ହେଉଛି ସଂପର୍କର ଭିତି। ସ୍ୱାଧୀନତା ପରବର୍ତୀ ସମୟରେ ଦେଶରେ ପାଶ୍ଚାତ୍ୟ ପ୍ରଭାବ ହେତୁ ମାତୃଭାଷା ଉନ୍ନତିରେ ଉପଯୁକ୍ତ ପଦକ୍ଷେପ ନିଆଯାଇ ପାରିନାହିଁ। ସେଥିପାଇଁ ଭାଷା ଓ ସାହିତ୍ୟର ଉନ୍ନତି ନିମନ୍ତେ ଆନୁଷ୍ଠାନିକ ଓ ବ୍ୟକ୍ତିଗତ ତତ୍ପରତା ତଥା ନିଷ୍ଠା ପ୍ରକାଶ ପାଇବା ଦରକାର ବୋଲି ବିଶିଷ୍ଟ ଭାଷାବିଜ୍ଞାନୀ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଶନିବାର ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟନ କରି ଡ. ପଟ୍ଟନାୟକ ଉପରୋକ୍ତ ମର୍ମରେ ସମସ୍ତ ଶିକ୍ଷିତ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ କବି ରାଜେନ୍ଦ୍ର କିଶୋର ପଣ୍ଡା ଯୋଗଦେଇ ଭାଷାର କ୍ରିୟାଶୀଳତା ଓ ସାଧାରଣ ବ୍ୟବହାରିକତା ଉପରେ ଗୁରୁତ୍ୱ ଦେଇଥିଲେ। କେବଳ ମାର୍ଗଦର୍ଶିକା ନୁହେଁ ବରଂ କଡ଼ାକଡ଼ି ଆଇନ ବଳରେ ଭାଷା ସୁରକ୍ଷା ସମ୍ଭବ ବୋଲି ସେ କହିଥିଲେ। ସମାଜସେବୀ ଡ. ସୌମ୍ୟରଞ୍ଜନ ସାମଲ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସାହିତ୍ୟକୁ ସମାଜ ଓ ଜୀବନର ପଥପ୍ରଦର୍ଶକ ବୋଲି ଉଲ୍ଲେଖ କରିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ଡ. ତୁହିନାଂଶୁ ରଥଙ୍କୁ 'କୈଳାସ ଲେଙ୍କା ସୃଜନ ସମ୍ମାନ' ଓ ଶିଳ୍ପୀ ପଂଚାନନ ସାମଲଙ୍କୁ 'ଦିନନାଥ ପାଠୀ ଶିଳ୍ପୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଉତ୍ସବ ନିର୍ଦ୍ଦେଶକ ଡ. ଅଶୋକ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପସଭାପତି କବି ରକ୍ଷକ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ବିଧୁଭୂଷଣ ତ୍ରିପାଠୀ, ସରୋଜିନୀ ମିଶ୍ର ଓ ମିନତି ଦାଶଙ୍କ ଲିଖିତ କବିତା ଗ୍ରନ୍ଥ 'ଜୀବାଶ୍ମ', 'ଆତ୍ମଗୀତି' ଓ 'ସେ' ସମେତ ଅନୁଷ୍ଠାନର ବାର୍ଷିକ କବିତା ମୁଖପତ୍ର ଏବଂ ଭୁବନେଶ୍ୱର ସାହିତ୍ୟ ପର୍ବର ସ୍ମରଣିକା ଲୋକାର୍ପିତ ହୋଇଥିଲା। ସଂପାଦିକା ସୋନାଲି ମହାପାତ୍ର ବିବରଣୀ ପାଠ କରିଥିଲେ। 'ଓଡ଼ିଆ ଭାଷା: ସ୍ଥିତି ଓ ସମୀକ୍ଷା' ଶୀର୍ଷକ ଆଲୋଚନା ସଭାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତିଡ. ହୃଷୀକେଶ ମଲ୍ଲିକ, ଶାସ୍ତ୍ରୀୟ ଓଡ଼ିଆ ଭାଷା ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ନିର୍ଦ୍ଦେଶକ ଡ. ବସନ୍ତ କୁମାର ପଣ୍ଡା ଓ ବିଶିଷ୍ଟ ସ୍ତମ୍ଭକାର ଅସିତ ମହାନ୍ତି ଯୋଗଦେଇଥିବାବେଳେ କବି ଡ. ଶୁଭଶ୍ରୀ ଲେଙ୍କା ଏହା ସଂଚାଳନ କରିଥିଲେ। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକଙ୍କ ସହିତ ଜଣାଶୁଣା ମଂଚ ଅଭିନେତ୍ରୀ ଭାସ୍ୱତୀ ବସୁଙ୍କ କଥାବାର୍ତା କାର୍ଯ୍ୟକ୍ରମ 'ଆମ ମଂଚ, ଆମ ନାଟକ' ଉପରେ ପର୍ଯ୍ୟବସିତ ଥିଲା। ଅପରାହ୍ନରେ 'କିନ୍ନରଙ୍କ ସୃଜନ ପୃଥିବୀ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଡ. ହିରଣ୍ମୟୀ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ମୀରା ପରିଡ଼ା, ସାଧନା ମିଶ୍ର ଓ ଐଶ୍ୱର୍ଯ୍ୟା ଋତୁପର୍ଣ୍ଣା ପ୍ରଧାନ ଅଂଶଗ୍ରହଣ କରି ସେମାନଙ୍କ ଜୀବନର ଅଭିଜ୍ଞତା, ଅନୁଭବ ଓ ସୃଜନଶୀଳ କାର୍ଯ୍ୟଗୁଡ଼ିକ ଉପରେ ମତାମତ ରଖିଥିଲେ। ବିଶିଷ୍ଟ ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ପଦ୍ମଶ୍ରୀ ମନମୋହନ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଉଦ୍ଦେଶ୍ୟରେ ତାଙ୍କ ନିର୍ଦ୍ଦେଶିତ ଶେଷ ଓଡ଼ିଆ ଚିତ୍ର 'ଭିଜା ମାଟିର ସ୍ୱର୍ଗ' ପ୍ରଦର୍ଶିତ ହୋଇଥିଲା। ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ଯୋଗଦେଇ ଏହି ସିନେମା ନିର୍ମାଣ ପଛରେ ତାଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ପୂର୍ବାହ୍ନରେ ମହିଳା ଶିଳ୍ପୀମାନଙ୍କ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ବିଶିଷ୍ଟ ଚିତ୍ରଶିଳ୍ପୀ ରାମହରି ଜେନା, ତାରାକାନ୍ତ ପରିଡ଼ା ଓ ରବିନାରାୟଣ ରଥ ମିଳିତ ଭାବରେ ଏହା ଉଦ୍‌ଘାଟନ କରିଥିଲେ। ୧୪ ଜଣ ମହିଳା ଶିଳ୍ପୀଙ୍କ ଚିତ୍ର ପ୍ରଦର୍ଶନୀରେ ସ୍ଥାନ ପାଇଛି। ଏହା ସହିତ ଏକ ପୁସ୍ତକ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହୋଇଛି।

# ଆନ୍ତର୍ଜାତିକ ସୁଟର ଶ୍ରୀୟଙ୍କା ଷଡଙ୍ଗୀ ଓ ପାରା ଆଥଲେଟ ଜୟନ୍ତୀ ବେହେରାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶନିବାର ନବୀନ ନିବାସ ଠାରେ ଦୁଇ ଓଡିଆ ଆନ୍ତର୍ଜାତିକ କ୍ରୀଡା ପ୍ରତିଯୋଗୀ ଶ୍ରୀୟଙ୍କା ଷଡଙ୍ଗୀ ଓ ଜୟନ୍ତୀ ବେହେରାଙ୍କୁ ନବୀନ ନିବାସ ଠାରେ ସମ୍ବର୍ଦ୍ଧିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଦୁଇ ବାଳିକା କ୍ରୀଡାବିତ୍‌ଙ୍କୁ ସେମାନଙ୍କର ସଫଳତା ପାଇଁ ଉଚ୍ଚପ୍ରଶଂସା କରି କହିଥିଲେ ଯେ ସେମାନେ ରାଜ୍ୟ ପାଇଁ ଗୌରବ ଆଣି ଅନ୍ୟ ଖେଳାଳୀ ମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛନ୍ତି। ସେମାନେ ସାରା ବିଶ୍ୱରେ ଓଡିଶା ପାଇଁ ଗୌରବ ଆଣିଛନ୍ତି ବୋଲି ପ୍ରକାଶ କରି, ଆଗାମୀ ଦିନରେ ଆହୁରି ସଫଳତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀୟଙ୍କାଙ୍କୁ ୨ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିବା ବେଳେ, ଜୟନ୍ତୀଙ୍କୁ ୧୫ ଲକ୍ଷ ଟଙ୍କା ପୁରସ୍କାର ଦେଇଥିଲେ।ସୂଚନାଯୋଗ୍ୟ ଯେ ଶ୍ରୀୟଙ୍କା ନିକଟରେ କାଇରୋ ଠାରେ ଅନୁଷ୍ଠିତ ଆଇଏସଏସଏଫ୍ ବିଶ୍ୱକପ୍ ସୁଟିଂ ପ୍ରତିଯୋଗୀତାରେ ୫୦ ମିଟର ରାଇଫଲ ୩ ପୋଜିସନ୍ ରେ ବ୍ରୋଞ୍ଜ ମେଡାଲ ପାଇଛନ୍ତି। ସେ ମଧ୍ୟ ବର୍ତମାନ ଜାତୀୟ ସୁଟିଙ୍ଗ ଚାମ୍ପିଅନ ଭାବେ ସୁନାମ ଅର୍ଜନ କରିଛନ୍ତି।ସେହିପରି ଜୟନ୍ତୀ ବେହେରା ଦୁବାଇ ଠାରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍ସ ପ୍ରତିଯୋଗୀତାରେ ୩ଟି ମେଡାଲ ହାସଲ କରିଛନ୍ତି। ୪୦୦ ଓ ୧୦୦ ମିଟର ପ୍ରତିଯୋଗୀତାରେ ସେ ବ୍ରୋଞ୍ଜ ପଦକ ପାଇଥିବା ବେଳେ, ୨୦୦ ମିଟର ପ୍ରତିଯୋଗୀତାରେ ରୌପ୍ୟ ପଦକ ପାଇଛନ୍ତି।ଉଭୟ କ୍ରୀଡାବିତ୍ ରାଜ୍ୟରେ କ୍ରୀଡା ଭିତିଭୂମି ଓ କ୍ରୀଡାବିତ୍ ମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ପଦକ୍ଷେପର ଉଚ୍ଚପ୍ରଶଂସା କରିଥିଲେ। ଦୁଇ ଖେଳାଳି ମୁଖ୍ୟମନ୍ତ୍ରୀଙ୍କ ସହିତ ଖୁସିରେ ସେଲ୍‌ଫି ଉଠାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି କେ ପାଣ୍ଡିଆନ ଓ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ।

# ମାଲକାନଗିରି ଜିଲ୍ଲା ସଦର ମହକୁମା ହସ୍‌ପିଟାଲ୍ କୁ 'କାୟାକଳ୍ପ' ପୁରସ୍କାର

ଭୁବନେଶ୍ୱର, (ପି.ଏନ): ରାଜ୍ୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତମ ଗୁଣବତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ନ୍ୟାସନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ, ଲକ୍ଷ ଓ ସୁରକ୍ଷିତ ମାତୃତ୍ୱ (ଏନକ୍ୟୁଏଏସ୍)ଓ'କାୟାକଳ୍ପ' ଭଳି ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି।୨୦୨୧-୨୨ ମସିହା ପାଇଁ ଏନକ୍ୟୁଏଏସ୍, ଲକ୍ଷ, ସୁମନ ଓ କାୟାକଳ୍ପର ଅଗ୍ରଗତିର ସମୀକ୍ଷା ଓ ଚଳିତ ବର୍ଷ ପାଇଁ କାୟାକଳ୍ପ ପୁରସ୍କାର ବିଜେତାଙ୍କୁ ଚୂଡ଼ାନ୍ତ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଗୁଣବତା ନିଶ୍ଚିତତା କମିଟି ଏସକ୍ୟୁଏସି ର ବୈଠକ ଅନୁଷ୍ଠିତ ହୋଇଯାଇଛି।ଅନ୍ତିମ ସ୍କୋର ଉପରେ ଆଧାର କରି ଡିଏଚଏଚ ବର୍ଗରେ ଡିଏଚଏଚ ମାଲକାନଗିରି, ଡିଏଚଏଚ ସୁନ୍ଦରଗଡ଼ ପ୍ରଥମ ଓଦ୍ୱିତୀୟ ପୁରସ୍କାର ଯାଇଥିବାବେଳେ ସେହିଭଳି ଏସଡିଏଚ/ସିଏଚସି ବର୍ଗରେ କେନ୍ଦୁଝରର ଭଣ୍ଡା ସିଏଚସି, ମାଲକାନଗିରିର କୁଡୁଲୁଗୁମ୍ମା ସିଏଚସି ପ୍ରଥମ ପୁରସ୍କାର, କନ୍ଧମାଳର ଟିକାବାଲି ସିଏଚସି ଦ୍ୱିତୀୟ ପୁରସ୍କାର ପାଇଛନ୍ତି। ଢେଙ୍କାନାଳର କାଠଗଡ଼ା ସାହି ୟୁପିଏଚସିଏବଂ କଳାହାଣ୍ଡିର ଭବାନୀପାଟଣା ୟୁପିଏଚସି ମିଳିତ ବିଜେତା ହୋଇଥିବାବେଳେ ୟୁପିଏଚସି -ଏମଏମସି ବରଗଡ଼ ଏବଂ କୋରାପୁଟର ୟୁପିଏଚସି ଗାନ୍ଧିନଗର ମିଳିତ ପ୍ରଥମ ରନର୍ସଅପ୍ ହୋଇଥିଲେ। ୟୁପିଏଚସି ବୈକୁଣ୍ଠନଗର ଦ୍ୱିତୀୟ ରନର୍ସଅପ୍ ହୋଇଛନ୍ତି।ଇକୋ-ଫ୍ରେଣ୍ଡଲି ହସ୍‌ପିଟାଲ୍ ବର୍ଗରେ ଡିଏଚଏଚ୍ ସୁନ୍ଦରଗଡ଼ ପ୍ରଥମ ପୁରସ୍କାର ପାଇଥିବାବେଳେ ଗଜପତିରସିଏଚସି, ଚନ୍ଦ୍ରଗିରି କେନ୍ଦୁଝରର ଭଣ୍ଡା ସିଏଚସି ଓ ଘଟଗାଁ ସିଏଚସି ଏବଂ ମାଲକାନଗିରିର କୁଡୁଲୁଗୁମ୍ମା ସିଏଚସି ମିଳିତ ଭାବେବିଜେତା ହୋଇଛନ୍ତି।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଧାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ। ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ। ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି। ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି।

**ଘୋଷଣା**

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୮ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ


**OFFICE OF THE MUNICIPAL COUNCIL, TALCHER**
DIST :- ANGUL, PIN-759107

Phone No.- (06760) 240259
E-Mail ID : e.o.talcher@gmail.com

No. 902 / Dt. 28.02.22

**SHORT TENDER CALL NOTICE**

Sealed Tenders are invited in percentage rate bid system conformity with detail tender call notice to the following works from the registered contractors of Talcher Municipality. The Tender Paper sale & receipt will be during the office hour on payment of paper cost (non refundable) as indicated against each work from **dt.28.03.2022 to dt.05.04.2022 upto 1.00 PM** and will be opened same day **at 3.00 PM** in the presence of tenderer of their authorized agent. EMD shall be made in shape of NSC / BD / KVP / Fix Deposits duly pledged in favour of the Executive Officer, Talcher Municipality @ 1% of the estimated amount. The original EMD, Money Receipt of Tender Paper Cost shall be attached with the tender paper, failing which the tender shall not be taken into consideration. The copy of upto date contractor incense, GSTIN certificate or affidavit, ITCC must be submitted with the tender paper and the original should be produced at the time of opening the tender paper. The tenders are requested to drop the sealed tender document in the tender box available in the office chamber of the Executive Officer, Talcher Municipality. The receipt of tender document beyond the schedule date of time / postal delay will not entertained.

The authority reserves the right to reject any or all the tenders without any reason thereof.

| Sl. No. | Name of the work | Estimated Cost (Rs.) | Cost of EMD (1%) | Cost of T.P. + GSTIN @ 5% | Class of Contractor | Period of Completion |
|---|---|---|---|---|---|---|
| 1 | Renovation work of Municipality First Floor Office building | 1,27,800/- | 1276/- | 630/- | Municipal Contractor | One Calendar Month |
| 2 | Renovation work of Municipality ground floor office building | 1,42,900/- | 1429/- | 630/- | Municipal Contractor | One Calendar Month |
| 3 | Construction of Moorum Road | 1,77,500/- | 1775/- | 630/- | Municipal Contractor | One Calendar Month |
| 4 | Pot hole Repair of roads under Talcher Municipality | 1,99,600/- | 1996/- | 630/- | Municipal Contractor | One Calendar Month |
| 5 | Pot hole Repair on CC road under Talcher Municipality | 1,99,200/- | 1992/- | 630/- | Municipal Contractor | One Calendar Month |
| 6 | Earth cutting S.S. gate fixing of SUH building for Talcher Municipality | 1,06,700/- | 1067/- | 630/- | Municipal Contractor | One Calendar Month |
| 7 | Internal Electrification works at SUH building, Talcher | 1,99,600/- | 1996/- | 630/- | Municipal Contractor | One Calendar Month |
| 8 | Const. of CC road from Bauri Bandhu Bej house towards Devananda Sahoo house in W.No.12 | 1,36,500/- | 1365/- | 630/- | Municipal Contractor | One Calendar Month |

Executive Officer
Talcher Municipality







# ଡିଫା କପ ଫୁଟବଲ ଟୁର୍ଣ୍ଣାମେଂଟ, ଭୁବନେଶ୍ୱର ଫାଇନାଲରେ



ଧର୍ମଶାଳା,(ପିଏନ୍): ଧର୍ମଶାଳା ବାଣୀପୀଠ ଖେଳ ପଡିଆରେ ଚାଲିଥିବା ୨୪ତମ ଡିଫାକପ ଓ ଚତୁର୍ଥ ରିତ ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ୟୁନାଇଟେଡ କ୍ଲବ ଭଦ୍ରକକୁ ୨/୪ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଧର୍ମଶାଳା ଫୁଟବଲ ଆସୋସିଏସନ ଆନୁକୁଲ୍ୟରେ ଅୟୋଜିତ ଏହି ଟୁର୍ଣ୍ଣାମେଂଟରେ ଆଜି ମ୍ୟାଚର ପ୍ରଥମାର୍ଦ୍ଧରେ ଭୁବନେଶ୍ୱର ଟିମ ୩ଟି ଗୋଲ ଦେଇଥିବା ବେଳେ ଭଦ୍ରକ ଗୋଟିଏ ଗୋଲ କରିଥିଲା । ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ଉଭୟ ଉଭୟକୁ ଗୋଟିଏ ଲେଖାଏଁ ଗୋଲ କରିଥିଲେ ଫଳରେ ଭୁବନେଶ୍ୱର ଟିମ ୪/୨ ଗୋଲରେ ବିଜୟୀ ହୋଇଥିଲା । ଭୁବନେଶ୍ୱର ଟିମର ବବୁଲ ରାଉତ ୩ଟି ଓ ରାକେଶ ଜେନା ଗୋଟିଏ ଗୋଲ ଦେଇଥିଲେ । ଭଦ୍ରକ ଟିମ ପକ୍ଷରୁ ବିଜୟ କିସ୍କୁ ଓ ଅପୁ ବେଶ୍ରା ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ । ଆଜିର ମ୍ୟାଚକୁ ସଲିମ ଅହମ୍ମଦ ଓ ଶୈଳେଶ ପାଣି ପରିଚାଳନା କରିଥିବା ବେଳେ ସେକ ଆସିଫ ଓ ସତ୍ୟପ୍ରକାଶ ବିଶ୍ୱାଳ ଲାଇନରେ ସହାୟତା କରିଥିଲେ । ଆଜିର ମ୍ୟାଚରେ କ୍ରୀଡା ଶିକ୍ଷକ ସଚିଦାନନ୍ଦ ବେହେରା ଓ କ୍ରୀଡାବିତ ଅଶୋକ କୁମାର ନନ୍ଦ ଅତିଥି ଭାବେ ଯୋଗଦେଇ ବିଜୟୀ ଟିମର ବବୁଲ ରାଉତଙ୍କୁ ମ୍ୟାନଅଫଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ନେତାଜୀ କ୍ଲବ କେନ୍ଦ୍ରାପଡା ଓ ସନସାଇନ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଡିଫାର ସଭାପତି ପ୍ରମୋଦ ଦାସ ଓ ସମ୍ପାଦକ ପ୍ରବୋଧ ପାତ୍ର ସୂଚନା ଦେଇଛନ୍ତି ।

# ଧର୍ମଶାଳା ଏସୟୁସିଆଇ ପକ୍ଷରୁ ଧର୍ମଘଟ ଓ ଶୋଭାଯାତ୍ରା

ଧର୍ମଶାଳା, (ପିଏନ୍): କେନ୍ଦ୍ର ସରକାରଙ୍କ ଶ୍ରମିକ,କୃଷକ, ଛାତ୍ର, ଯୁବକ ବିରୋଧି ନୀତି ଓ ଦରଦାମ ବୃଦ୍ଧି ପ୍ରତିବାଦରେ କେନ୍ଦୀୟ ଟ୍ରେଡ ୟୁନିଅନମାନଙ୍କ ପକ୍ଷରୁ ଦିଆଯାଇଥିବା ସର୍ବଭାରତୀୟ ଡାକରାକୁ ସମର୍ଥନ କରି ଧର୍ମଶାଳା ଏସୟୁସିଆଇ ପକ୍ଷରୁ ଜାରକାଠାରେ ଶୋଭାଯାତ୍ରା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିବାଦ ସଭାରେ କମ୍ରେଡ ଅକ୍ଷୟ ଦାସ, ମଧୁମିତା ସାହୁ, ପ୍ରଭାତି ମଲିକ, ପ୍ରଶାନ୍ତ ସ୍ୱାଇଁ, ବିଚିତ୍ର ଦାସ, ସସ୍ମିତା ବେହେରା, କବି ସେଠୀ, ଶରତ ମଲିକ ପ୍ରମୁଖ ଯୋଗାଦେଇ କେନ୍ଦ୍ର ସରକାରଙ୍କ ଜନ ବିରୋଧି ନୀତିକୁ ସମାଲୋଚନା କରିଥିଲେ । ଆରମ୍ଭରେ ଆନ୍ଦୋଳନକାରୀମାନେ ଜାରକା ବଜାର ପରିକ୍ରମା କରି ବିଭିନ୍ନ ସରକାରୀ, ବେସରକାରୀ ଓ ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ପିକେଟିଂ କରିଥିଲେ । ତେବେ ଜାତୀୟ ରାଜପଥରେ ଗାଡି ଚଳାଚଳ ସ୍ୱାଭାବିକ ରହିଥିବା ଦେଖିବାକୁ ମିଳିଥିଲା ।

# ଆମ ଗାଁ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ମନ ମୋହିଲା ଓଡିଶୀ ନାଚ

ଖୋର୍ଦ୍ଧା,(ପିଏନ): ବେଗୁନିଆ ବ୍ଲକ କଂଟାବାଡ ପଂଚାୟତ ଅନ୍ତର୍ଗତ ମଲ୍ଲିପଦର ଗ୍ରାମରେ ଆମ ଗାଁ ମହୋତ୍ସବ ଅନୁଷ୍ଠିତ ହୋଇଛି । ଏହି ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ଆମ ଗାଁ ମହୋତ୍ସବର ସଭାପତି ବିଦ୍ୟାଧର ମହାରଣା,ସମ୍ପାଦକ ଶିଶିର କୁମାର ଆଚାର୍ଯ୍ୟ, ଓଡିଆ ଭାଷା ସାହିତ୍ୟ ଓ କଳା ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢୀ ମୁଖ୍ୟ ଅତିଥ,ବେଗୁନିଆ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ ମୁଖ୍ୟ ବକ୍ତା,ଐତିହାସିକ ରବୀନ୍ଦ୍ର ପରିଡା ଓ ସ୍ଥାନୀୟ ପୂର୍ବତନ ସମିତି ସଭ୍ୟ ସୁବାସ ଚନ୍ଦ୍ର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ ।ଆଜିର ଦ୍ୱିତୀୟ ସନ୍ଧ୍ୟାରେ କଂଗ୍ରେସର ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି,ସମାଜସେବୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଓ କଂଗ୍ରେସ ଦଳର ମୁଖପାତ୍ର ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଶିକ୍ଷାବିତ ରାଜ କିଶୋର ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ପାରାଦୀପ ପୌର ପାଳିକାର ନବ ନିର୍ବାଚିତ ଅଧକ୍ଷଙ୍କୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛା




ପାରାଦୀପ,(ପି.ଏନ): ଚଳିତ ପୌର ନିର୍ବାଚନରେ ପାରାଦୀପ ପୌର ପାଳିକାର ଅଧକ୍ଷ ଭାବେ ବସନ୍ତ ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି । ପାରାଦୀପର ସବୁ ବର୍ଗର ଲୋକମାନେ ଏବଂ ସଙ୍ଗଠନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପାରାଦୀପ ଖବର କାଗଜ ବିତରକ ସଂଘ ପକ୍ଷରୁ ସୋମବାର ଦିନ ସକାଳେ ଶ୍ରୀ ବିଶ୍ୱାଳଙ୍କୁ ତାଙ୍କ ବାସଭବନରେ ଭେଟି ଅଭିନନ୍ଦନ ଜଣାଇଥିଲେ ଖବର କାଗଜ ବିକ୍ରେତା । ଶ୍ରୀ ବିଶ୍ୱାଳ ବିଗତ ଦିନରେ ଖବର କାଗଜ ବିକ୍ରେତାମାନଙ୍କୁ ବିଭିନ୍ନ ସମୟରେ ସହାଯ୍ୟ ଓ ସହଯୋଗର ହାତ ବଢେଇଥିଲେ । ସେହିପରି ଅରବିନ୍ଦ ସାର୍ଖେଲଙ୍କ ନେତୃତ୍ୱାଧୀନ ଆମ ପାରାଦୀପ ଆମ ପ୍ରଗତି ପକ୍ଷରୁ ନବ ନିର୍ବାଚିତ ଆଠ ଜଣ ପାରିଷଦ ଓ କଂଗ୍ରେସର ଜଣେ ନିର୍ବାଚିତ ପାରିଷଦ ଶ୍ରୀ ବିଶ୍ୱାଳଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ । ବିରୋଧୀଙ୍କ ପକ୍ଷରୁ ଏହି ଭଳି ସ୍ୱାଗତ ଓ ଅଭିନନ୍ଦନ ପାରାଦୀପର ରାଜନୈତିକ କ୍ଷେତ୍ରରେ ଏକ ନୂଆ ପରମ୍ପରା ସୃଷ୍ଟି କରିଛି ।

# ବିଧବା ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ଗିରଫ

ଧର୍ମଶାଳା, (ପିଏନ୍): ଜେନାପୁର ଥାନା ଅନ୍ତର୍ଗତ ଅଂଜିରା ପଂଚାୟତ ଗହ୍ମାରିଆ ଗ୍ରାମର ଜଣେ ବିଧବା ମହିଳାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ, ଗତକାଲି ରାତିରେ ଗହ୍ମାରିଆ ଗ୍ରାମର ଜୈନକା ବିଧବା ମହିଳାଙ୍କୁ ଅଂଜିରାଗଡ ଗ୍ରାମର ବିପିନ ଧିର (୪୬) ଅସଦାଚରଣ କରିଥିବା ନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୁଲିସ ଘଟଣାର ତଦନ୍ତ କରି ୮୧/୨୨ରେ ଏକ ମାମଲା ରୁଜୁ କରି ଆଜି ଉଭୟଙ୍କ ଡାକ୍ତରୀ ମଇନା କରାଯିବା ପରେ ଅଭିଯୁକ୍ତ ବିପିନକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

# ନ୍ୟାସ ବଦଳରେ କର୍ତ୍ତୃପକ୍ଷ ନାମ ପାରାଦୀପ ବନ୍ଦର ସହିତ ଯୋଡି ହେଲା

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ. ହରନାଦଙ୍କ ଅଧ୍ୟକ୍ଷତାରେ ସୋମବାର ଦିନ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କର ପ୍ରଥମ ବୋର୍ଡ ମିଟିଂ ବନ୍ଦର ପ୍ରଶାସନିକ ଭବନସ୍ଥିତ ବୋର୍ଡ ରୁମରେ ଅନୁଷ୍ଠିତ ହୋଇଯାଇଛି । ବୃହତ ବନ୍ଦର ପ୍ରାଧିକରଣ ଅଧିନିୟମ ୨୦୨୧ ଅନୁଯାୟୀ ବୋର୍ଡ ମିଟିଂରେ ନ୍ୟାସ ବଦଳରେ କର୍ତ୍ତୃପକ୍ଷ ନାମ ଯୋଡିବା ଏଜେଣ୍ଡାକୁ ମୁରୀ ମିଳିଛି । ପାରାଦୀପ ବନ୍ଦର ସଚିବ ଡ. ପି.ଏନ୍. ବାହେଲ ବନ୍ଦରର ନାମକରଣରେ ଉପଯୁକ୍ତ ପରିବର୍ତ୍ତନ ଆଣିବା ତଥା ଆବଶ୍ୟକୀୟ ଦଲିଲ କାଗଜପତ୍ର ତଥା ଲେଟର ହେଡ୍ରେ ଏସଂକ୍ରାନ୍ତରେ ପରିବର୍ତ୍ତନ ନିମନ୍ତେ ସଂପୃକ୍ତ ଅଧିକାରୀ ତଥା ହିତାଧିକାରୀଙ୍କୁ ସୂଚିତ କରିବା ପାଇଁ ଏକ ବିଜ୍ଞପ୍ତି ଜରିଆରେ ବନ୍ଦର ବିଭିନ୍ନ ବିଭାଗ ମୁଖ୍ୟ ମାନଙ୍କୁ ସୁଚିତ କରିଛନ୍ତି । ସୂଚନାଯୋଗ୍ୟ ବୃହତ ବନ୍ଦର ପ୍ରାଧିକରଣ ଅଧିନିୟମ ୨୦୨୧ ଧାରା ୩ ତଥା ଉପଧାରା ୧ ଅନୁଯାୟୀ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପାଇଁ ଏକ ନୂଆ ବୋର୍ଡ ଗଠନ କରିଛନ୍ତି । ଏହି ଧାରା ଅନୁଯାୟୀ ବନ୍ଦର କର୍ତ୍ତୃପକ୍ଷଙ୍କୁ ବନ୍ଦରର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ସଫଳ ରୂପାୟନ ଲାଗି ମୁରୀ ନିମନ୍ତେ ଅଧିକ କ୍ଷମତା ମିଳିବ ।

# ଆଇଟେଲ ପକ୍ଷରୁ ଭିଜନ୍-୩ ସ୍ମାର୍ଟଫୋନ୍ର ବଜାର ପ୍ରବେଶ



ନୂଆଦିଲ୍ଲୀ, (ପି.ଏନ): ଆଇଟେଲ, ଭାରତର ସବୁଠାରୁ ବିଶ୍ୱସ୍ତ ଏବଂ ସବ୍ ୭ କେ ସେଗମେଂଟରେ ଏକ ଅଗ୍ରଣୀ ବ୍ରାଣ୍ଡ ଏହାର ଫ୍ଲାଗଶିପ ଭିଜନ ସିରିଜର ଭିଜନ ୩ ସ୍ମାର୍ଟଫୋନ୍କାର ପ୍ରବେଶ କରିଛି । ଏଥିରେ ୧୮ ୱାଟ୍ ଫାଷ୍ଟ ଚାର୍ଜିଂ ସୁବିଧା ରହିଛି । ଏହାର ଦାମ୍ ୭୯୯୯ଟଙ୍କା ରହିଛି । ଏଥବରେ ୩ ଜିବି ରାମ୍, ୬୪ ଜିବି ରମ୍, ୫୦୦୦ ଏମ୍ଏଏଚ୍ ବ୍ୟାଟେରୀ ଆଦି ବୈଶିଷ୍ଟ୍ୟ ରହିଛି । ଏହା ୨୪ ମାର୍ଚ୍ଚଠାରୁ ଆମାଜନ ଏବଂ ଫ୍ଲିପକାର୍ଟରେ ଉପଲବ୍ଧ ହେଉଛି । ଆଗାମୀ ସପ୍ତାହରୁ ଅଫଲାଇନ ରିଟେଲ ଆଉଟଲେଟରେ ଏହା ଉପଲବ୍ଧ ହେବ । ଏଥିରେ ଫିଙ୍ଗରପ୍ରିଂଟ୍ ସେନସର୍, ଫେସ୍ ଅନ୍ଲକ୍ ସୁବିଧା, ୬.୬ ଇଂଚ ଏଚ୍ଡି ପ୍ଲସ୍ ଆଇପିଏସ୍ ୱାଟର ଡ୍ରପ୍ ଡିସପ୍ଲେ, ଏଆଇ ପାୱାର, ଆଣ୍ଡ୍ରଏଡ୍ ୧୧, ୧.୬ ଜିଏଚ୍ଜେଡ୍ ଅକ୍ଟାକୋର୍ ପ୍ରୋସେସର୍, ୮ଏମ୍ପି ଏଆଇ ଡୁଆଲ୍ ରିୟର କ୍ୟାମେରା, ୫ଏମ୍ପି ସେଲ୍ଫି କ୍ୟାମେରା, ଏଆଇ ବିୟୁଟି ମୋଡ୍, ପୋଟ୍ରେଟ୍ ମୋଡ୍, ପାନୋ ମୋଡ୍, ପ୍ରୋ ମୋଡ୍, ଲୋ ଲାଇଟ୍ ମୋଡ୍,ଏଚ୍ଡିଆର୍ ମୋଡ୍ ଆଦି ବୈଶିଷ୍ଟ୍ୟ ରହିଛି ।ଏହି ଅବସରରେ ଟ୍ରାନ୍ସିଅନ ଇଣ୍ଡିଆର ସିଇଓ ଅରିଜିତ ତାଲାପାତ୍ର କହିଲେ, ୮କେ ପ୍ରାଇସ୍ ସେଗମେଂଟରେ ଆଇଟେଲ ନିଜ ପାଇଁ ଏକ ସ୍ଥାନ ସୃଷ୍ଟି କରିଛି ଏବଂ ବ୍ରାଣ୍ଡର ଏହି ସକରାତ୍ମକ ଅଭିବୃଦ୍ଧି ଗ୍ରାହକଙ୍କୁ ଉତ୍ସାହିତ କରିଛି । ହୋଇଛି । ଭିଜନ ୩ର ବଜାର ପ୍ରବେଶ ସହିତ ଆଇଟେଲ୍ ଚିନ୍ତାମୁକ୍ତ ନିରବଚ୍ଛିନ୍ନ ସ୍ମାର୍ଟଫୋନ୍ ଅଭିଜ୍ଞତା ପ୍ରଦାନ କରିବା ସହିତ ଶକ୍ତିଶାଳୀ ବ୍ୟାଟେରୀ ଲାଇଫ୍ର ଅନନ୍ୟ ଅନୁଭୁତି ଉପଲବ୍ଧ କରାଇବ । ଏହା ୧୮ ୱାଟ୍ ଫାଷ୍ଟ ଚାର୍ଜର ଏବଂ ଅନ୍ୟାନ୍ୟ ବୈଶିଷ୍ଟ୍ୟ ଗ୍ରାହକଙ୍କ ବହୁବିଧ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ ହୋଇ ପାରିବ ।ଏହା ଜୁଏଲ୍ ବ୍ଲୁ, ମଲ୍ଟି କଲର ଗ୍ରୀନ୍, ଡିପ୍ ଓସିନ୍ ବ୍ଲାକ୍ ଆଦି ୩ଟି ଆକର୍ଷଣୀୟ ରଙ୍ଗରେ ଉପଲବ୍ଧ ହେଉଛି ।ଏହା ଉପରେ ଗ୍ରାହକଙ୍କୁ ଓ୍ୱାନ୍-ଟାଇମ୍ ଫ୍ରି ସ୍କ୍ରିନ୍ ରିପ୍ଲେଶମେଂଟ୍ ସୁବିଧା ୧୦୦ ଦିନ ମଧରେ ପ୍ରଦାନ କରାଯାଉଛି ।






# ଖୋର୍ଦ୍ଧା ସାହିତ୍ୟ ସଂସଦର ବିଶ୍ୱ ନାଟ୍ୟ ଦିବସ




ଖୋର୍ଦ୍ଧା,(ପି.ଏନ): ଏ ସଂସାରରେ ନେତାମାନେ ହେଲେ ସବୁଠାରୁ ବଡ଼ ନାଟୁଆ । ସେମାନଙ୍କ ଅଭିନୟ ଅସଲ ଅଭିନେତାଙ୍କ ଠାରୁ ବଳିଯାଏ । ନିର୍ବାଚନ ପୂର୍ବରୁ ଗୋଟେ ରଙ୍ଗ, ପରେ ଆଉ ଗୋଟେ ରଙ୍ଗ । ସେମାନେ ହେଲେ ରଙ୍ଗ ବଦଳାଉଥିବା ଏଣ୍ଡୁଅ । ଖୋର୍ଦ୍ଧା ସାହିତ୍ୟ ସଂସଦ ପକ୍ଷରୁ ପାଳିତ ହୋଇଥିବା ବିଶ୍ୱ ନାଟ୍ୟ ଦିବସରେ ଏହିଭଳି ମତ ଦେଇଛନ୍ତି ଗାଳ୍ପିକ ସୁନୀଲ ବୋଷ, ଯାହାକି ଚର୍ଚ୍ଚାର ବିଷୟ ହୋଇଥିଲା । ଶ୍ରୀରାମ ନଗର ସ୍ଥିତ ସାହିତ୍ୟ ସଂସଦ ଗୃହରେ ଅନୁଷ୍ଠିତ ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ସଂସଦର ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ । ଖୋର୍ଦ୍ଧା ଅଂଚଳର ଜଣାଶୁଣା ନାଟ୍ୟ ଅଭିନେତା ତଥା ଆଇନଜୀବୀ ବିଧାନ ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଲାଲମାଟିର ବଳିଷ୍ଠ ନାଟ୍ୟ ପରମ୍ପରା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଖୋର୍ଦ୍ଧା ଅଂଚଳର ନାଟ୍ୟକାର ଓ ନାଟକ ସଂପର୍କରେ ପିଏଚଡି ପ୍ରାପ୍ତ ହୋଇଥିବା ମୁଖ୍ୟବକ୍ତା ଅଧ୍ୟାପିକା ଡ. ସସ୍ମିତା ପଟ୍ଟନାୟକ ନାଟକ ସଂପର୍କରେ ସାରଗର୍ଭକ ଆଲୋଚନା କରିଥିଲେ । ନାଟ୍ୟ ଅଭିନେତା କୃଷ୍ଣଚନ୍ଦ୍ର ହରିଚନ୍ଦନ, ସମରଜିତ୍ ପଟ୍ଟନାୟକ ପ୍ରମୁଖ ନିଜ ଅଭିନୟ ଜୀବନର ଅନୁଭୂତି ସହ ବିଭିନ୍ନ ସଂଳାପକୁ ଉପସ୍ଥାପନ କରିଥିଲେ । ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ କହିଥିଲେ ଯେ, ସାଂପ୍ରତିକ ସମୟର ଦୁର୍ନୀତି, ଅନ୍ୟାୟ, ଅନୀତି, ରାଜନୈତିକ ତଥା ପ୍ରଶାସନିକ ସ୍ୱେଚ୍ଛାଚାରିତା ସଂପର୍କରେ ନାଟକ ଲିଖନ ସହ ପରିବେଷଣ ହେବା ଜରୁରି । ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଗାଳ୍ପିକ ତପନ ମହାପାତ୍ର, ଶିକ୍ଷାବିତ୍ ବିଭୁପ୍ରସାଦ ହରିଚନ୍ଦନ, ପ୍ରଫୁଲ୍ଲ ସାମନ୍ତରାୟ, ଲକ୍ଷ୍ମୀଧର ବଡ଼ଜେନା, କବିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସାଂପ୍ରତିକ ସମୟରେ ନାଟକର ଆବଶ୍ୟକତା ରହିଥିବା ସମୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ଖୋର୍ଦ୍ଧା ଓକିଲ ସଂଘର ନବନିର୍ବାଚିତ ସଭାପତି ବିଜୟ ସାମନ୍ତସିଂହାରଙ୍କୁ ସାହିତ୍ୟ ସଂସଦ ତରଫରୁ ସମ୍ବର୍ଧନା ଦିଆଯାଇଥିଲା । ଶେଷରେ କବି ଯୋଗେଶ ଚନ୍ଦ୍ର ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray